ସାପ୍ତାହିକ

# ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.26 | Issue - 34 | 21 - 27 August 2022 | Sambalpur | Page- 8 | Invitation Price Rs.10



## ସରକାରଙ୍କ ଅବହେଳାର ପ୍ରତିବାଦରେ ଲୋକସେବା ଭବନକୁ ଜବରଦସ୍ତି ପଶିବେ ଓକିଲ

ସମ୍ବଲପୁର : ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବାରମ୍ବାର ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଓ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହଙ୍କ ଅନୁରୋଧ ପରେ ବି ପୂର୍ଣ୍ଣାଙ୍ଗ ରିପୋର୍ଟ ପଠାଇବା ଦିଗରେ ରାଜ୍ୟ ସରକାର ଅବହେଳା କରୁଥିବାର ପ୍ରତିବାଦରେ ସିଏସି ଓ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହର କର୍ମକର୍ତ୍ତା ଆଗାମୀ ଦିନରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଜବରଦସ୍ତ ପଶି ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଯାଇ ଆଲୋଚନା କରିବାକୁ ବାଧ ହେବେ ବୋଲି ନିଷ୍ପତ୍ତି ହୋଇଛି । ସିଏସିର ଆବାହକ ଅଶୋକ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ପଦକ୍ଷେପ ଉପରେ ପ୍ରସ୍ତାବ ଗ୍ରହଣ କରାଯାଇଛି । କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବା ପ୍ରସଙ୍ଗରେ ଆଲୋଚନା ତଥା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧମରେ ଅନୁରୋଧ କରି ବିଫଳ ହୋଇଛି । ମୁଖ୍ୟମନ୍ତ୍ରୀ ସିଏସିକୁ ସମୟ ଦେଉ ନ ଥିବା ବେଳେ ଗତ ମାସ ୮ ତାରିଖରେ ପଶ୍ଚିମ ଓଡ଼ିଶାର ଓକିଲ ସଂଘଗୁଡ଼ିକ ନିଜ ନିଜ ସ୍ଥାନରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହାସତ୍ତ୍ୱେ ବି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ ସରକାର ସମ୍ପୂର୍ଣ୍ଣ ନିରବ ରହିଥିବା ସିଏସି ପକ୍ଷରୁ ଅଭିଯୋଗ କରାଯାଇଛି । ଏହାର ପ୍ରତିବାଦରେ ସିଏସି ଓ ଓକିଲ ସଂଘ ଲୋକସେବା ଭବନକୁ ପଶିବାକୁ ବାଧହେବେ ବୋଲି କୁହାଯାଇଛି । ଏଥିଯୋଗୁଁ ସାରା ରାଜ୍ୟରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି । ତେବେ ଆନ୍ଦୋଳନର ତାରିଖ ଓ ସମୟ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସିଏସି ପକ୍ଷରୁ କୁହାଯାଇଛି । ଭିଡିଓ କନଫରେନ୍ସ ଜରିଆରେ ଆୟୋଜିତ ଏହି ବୈଠକରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସମ୍ପାଦକ ସରୋଜ ସାହୁ, ସିଏସିର ପ୍ରମୋଦ ଦାଶ, ସତ୍ୟ ନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଡକ୍ଟର ପ୍ରମୋଦ ରଥ, ଅତନୁ ଘୋଷ, ଅନନ୍ତ ହୋତା, ମନୋରଞ୍ଜନ ଦାଶ, ଚନ୍ଦ୍ର ମହାନ୍ତି, ରବିରଞ୍ଜନ ପୂଜାରୀ, ମହେନ୍ଦ୍ର ବଡ଼ାଇ, ସୁରେନ୍ଦ୍ର ନାୟକ, ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ରଘୁ ପଟେଲ, ଦେବଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ସଚ୍ଚିଦାନନ୍ଦ ଦାଶ, ଦିଲ୍ଲୀପ ଗୁରୁ, କୁଚିଣ୍ଡାର ପ୍ରମୋଦ ଛୁରିଆ, ଅତାବିରାର ଶାନ୍ତନୁ ମିଶ୍ର, ସୁନ୍ଦରଗଡ଼ର ପି.କମଲସେନ୍, ବୌଦ୍ଧର ତାରିଣୀ ମହାପାତ୍ର, ବରପାଲିର ରବୀନ୍ଦ୍ର ପଣ୍ଡା ଓ ପଦ୍ମପୁରର ଗଉଁତିଆ ସାହୁ ଉପସ୍ଥିତ ଥିଲେ ।

## ଏନ୍‌ଏଲ୍‌ସି ତଲାବିରା ଥର୍ମାଲ୍ ପାୱାର୍ ପ୍ଲାଣ୍ଟର ଆର୍‌ପିଡିଏସି ବୈଠକ

ଝାରସୁଗୁଡ଼ା : ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ଥିବା ଶିଳ୍ପାନୁଷ୍ଠାନ ଗୁଡିକର ଦୀର୍ଘଦିନ ଧରି ଆର୍‌ପିଡିଏସି ବୈଠକ ଅନୁଷ୍ଠିତ ହେଉ ନ ଥିବା ସମ୍ପର୍କରେ ବିଧାନସଭାରେ ହୋହଲ୍ଲା ହେବା ପରେ ଏନ୍‌ଏଲ୍‌ସି ତଲାବିରା ଥର୍ମାଲ ପାୱାର୍ ପ୍ଲାଣ୍ଟର ଦ୍ୱିତୀୟ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଛି । ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଅଞ୍ଚଳର ପରିବାର ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ୨୪୦୦ ମେଗାୱାଟ୍ ବିଶିଷ୍ଟ ଏହି ପାୱାର୍ ପ୍ଲାଣ୍ଟ ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ କିପରି ଉନ୍ନତି ସାଧିତ ହେବ ସେ ନେଇ ଆଲୋଚନା ହୋଇଥିଲା । ସିଏସ୍‌ଆର୍ ପାଣ୍ଠି ବିନିଯୋଗ ପୂର୍ବକ ଉନ୍ନତମାନର ବୈଷୟିକ ଅନୁଷ୍ଠାନ ଓ ଡାକ୍ତରଖାନା ପ୍ରତିଷ୍ଠା ସହ ଜିଲ୍ଲାବାସୀ ପ୍ରକଳ୍ପ ଦ୍ୱାରା କିପରି ଅଧିକ ଉପକୃତ ହେବେ ଓ ଯଥା ସମ୍ଭବ ପ୍ରଦୂଷଣ ହ୍ରାସ ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା । ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳର ବିସ୍ଥାପିତ ଏବଂ ବାସହୀନଙ୍କ ସକାଶେ ବାସୋପଯୋଗୀ ଗୃହ ଓ ଜମି ଯୋଗାଇ ଦେବା ସହ କମ୍ୟୁନିଟି ହଲ, ସ୍କୁଲ, ସ୍ୱାସ୍ଥ୍ୟ କେନ୍ଦ୍ର, ରାସ୍ତା ଓ ନାଳ, ଓଭରହେଡ ୱାଟର୍ ଟ୍ୟାଙ୍କ, ସଫି କମ୍ପ୍ଲେକ୍ସ ଆଦି ନିର୍ମାଣ ନେଇ ମଧ ଆଲୋଚନା ହୋଇଥିଲା । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ବରଗଡ଼ ସାଂସଦ ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଝାରସୁଗୁଡ଼ା ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୁଦିନି ନାୟକ, ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର, ଝାରସୁଗୁଡ଼ା ଜିଲ୍ଲାପାଳ ସରୋଜ କୁମାର ସାମଲ, ଏସ୍‌ପି ରାହୁଲ ଜୈନ, ସମ୍ବଲପୁର ଏସ୍.ପି ବି. ଗଙ୍ଗାଧର, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣି ସେଠୀ ଓ ତଲାବିରା ଥର୍ମାଲ ପାୱାର୍ ପ୍ରୋଜେକ୍ଟ, ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ଼ ପ୍ରକଳ୍ପ ନିର୍ଦ୍ଦେଶକ ସାଜି ଜନ, ପ୍ରକଳ୍ପ ମୁଖ୍ୟ ଅନୁରାଗ ମିତ୍ତଲ ପ୍ରମୁଖ ଉପସ୍ଥିତ ଥିଲେ ।



## ସମ୍ବଲପୁରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ



ସମ୍ବଲପୁର : ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ପବିତ୍ର ନନ୍ଦୋତ୍ସବ ଅବସରରେ ଲଗ୍ନ ନିରୂପଣ କରାଯାଇଛି । ଆସନ୍ତା ସେପଟେମ୍ବର ୧ ତାରିଖ ଗୁରୁବାର ସକାଳ ୧୦ଟା ୫୬ ମିନିଟରୁ ୧୧ଟା ୧୦ ମିନିଟ୍ ମଧ୍ୟରେ ମାଁ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି କରାଯିବାକୁ ପଣ୍ଡିତମାନଙ୍କର ଏକ ବୈଠକରେ ସ୍ଥିର କରାଯାଇଛି ।

## ସମ୍ବଲପୁରରେ ସ୍ୱାଧୀନତା ଦିବସ ପାଳିତ



ସମ୍ବଲପୁର: ସ୍ଥାନୀୟ କଚେରୀ ଛକ ଠାରେ ଜିଲ୍ଲା ସ୍ତରୀୟ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଓଡ଼ିଶା ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରେ ମନ୍ତ୍ରୀ କୋଭିଡ୍ ଯୋଦ୍ଧା ଏବଂ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ସର୍ବାଧିକ ନମ୍ବର ରଖିଥିବା ଜଣେ ଛାତ୍ର ଏବଂ ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ପରେ ମନ୍ତ୍ରୀ ଉତ୍ସର୍ଗ ଅନୁଷ୍ଠାନ ଆନୁକୂଲ୍ୟରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ, ଏସ୍‌ପି ବି. ଗଙ୍ଗାଧରଙ୍କ ସହ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ ଓ ଅତିଥି ଉପସ୍ଥିତ ଥିଲେ ।



## ସମ୍ବଲପୁରରେ ଭଗବାନ ଜଗନ୍ନାଥ କଥା ନାଟକ ମଞ୍ଚସ୍ଥ





ସମ୍ବଲପୁର : ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଉଦ୍ୟମରେ ମୁମ୍ବାଇର ବନ୍ଦିରା ଟ୍ରି ଥିଏଟର ଗ୍ରୁପ୍ ପକ୍ଷରୁ ବଲିଉଡ୍ କଳାକାରମାନଙ୍କ ଦ୍ୱାରା ପ୍ରଥମ ଥର ପାଇଁ ସ୍ଥାନୀୟ ତପସ୍ୱିନୀ ହଲ୍‌ଠାରେ ଭଗବାନ ଜଗନ୍ନାଥ କଥା ନାଟକ ପରିବେଷିତ ହୋଇଥିଲା । ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ପାତ୍ର ଏହା ଉଦ୍‌ଘାଟନ କରିଥିଲେ । ପଣ୍ଡିତ ରବିନାରାୟଣ ରଥ ଶର୍ମାଙ୍କ ମାର୍ଗ ଦର୍ଶନ ତଥା ଧନଞ୍ଜୟ କପୁରଙ୍କ ନିର୍ଦ୍ଦେଶନାରେ ଏହି ନାଟକ ଦୁଇ ଦିନ ଧରି ପରିବେଷିତ ହୋଇଥିଲା । ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ଏ ସଂଖ୍ୟାରେ..



କର୍କଟରୁ ରକ୍ଷା କରିବ କଦଳୀ ପତ୍ର



ଏନିମିୟା ଦୂର କରେ ଚଣା-ଗୁଡ଼



ପେଟର ଚର୍ବି କମ୍ ପାଇଁ ଭଲ ଦଲିୟା



ଗ୍ରୀନ୍ ଟି'ରେ ସ୍ମରଣ ଶକ୍ତି ବୃଦ୍ଧି



ଜହ୍ନିର ଉପକାରିତା

# ଭାଗବତ

## କଳିଯୁଗର ଧର୍ମ ବର୍ଣ୍ଣନା

ଶୁକଦେବ କହିଲେ, 'ଘୋର କଳିଯୁଗ ଯେତେ ଯେତେ ପ୍ରବେଶ କରୁଥିବ ସେତେସେତେ ସତ୍ୟ, ଧର୍ମ, ପବିତ୍ରତା, କ୍ଷମା, ଦୟା, ଆୟୁ, ବଳ ଓ ସ୍ମରଣଶକ୍ତି ଲୋପ ପାଇବାରେ ଲାଗିବ । 'ଧନୀମାନଙ୍କୁ କୁଳୀନ, ସଦାଚାରୀ ଓ ସଦ୍‌ଗୁଣୀ କୁହାଯିବ । ବଳବାନ୍ ଧର୍ମ ଓ ନ୍ୟାୟର ବ୍ୟବସ୍ଥାପକ ହେବେ ।

'ଛନ୍ଦକପଟୀମାନଙ୍କୁ ବ୍ୟବହାର କୁଶଳୀ କୁହାଯିବ । ବିବାହର କୌଣସି ଶୃଙ୍ଖଳା କି ଶାସ୍ତ୍ରମର୍ଯ୍ୟାଦା ରହିବ ନାହିଁ ।

'ବ୍ରାହ୍ମଣମାନଙ୍କୁ ଲୋକମାନେ ସେମାନଙ୍କର ଗୁଣ ସ୍ୱଭାବରୁ ନୁହେଁ, କେବଳ ପଇତାରୁ ଚିହ୍ନିବେ । ଲାଞ୍ଚ ଦେବା ପାଇଁ ତଥା ଧନଖର୍ଚ୍ଚ କରିବା ପାଇଁ ଅସମର୍ଥ ଥିବା ପ୍ରଜା ନ୍ୟାୟାଳୟରେ ସମୁଚିତ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ।

ଅବୃତ୍ତ୍ୟା ନ୍ୟାୟଦୌର୍ବଲ୍ୟ ପାଣ୍ଡିତ୍ୟେ ଚାପଲଂ ବଚଃ ।।

ଚତୁର କଥା କହିବାରେ ନିପୁଣ ବ୍ୟକ୍ତିଙ୍କୁ ପଣ୍ଡିତ କୁହାଯିବ । ଦୋଷୀ ବୋଲି ଚିହ୍ନିବା ପାଇଁ ଦାରିଦ୍ର୍ୟ ଯଥେଷ୍ଟ ସହାୟକ ହେବ । ଯିଏ ଯେତେ ଅଧିକ ଦମ୍ଭ-ପାଖଣ୍ଡ କରିପାରିବ ତାକୁ ସେତେ ବଡ଼ ସାଧୁ ବୋଲି ଗଣନା କରାଯିବ ।

କଳିଯୁଗରେ ଯଶୋଽର୍ଥେ ଧର୍ମସେବନମ୍ । ଅର୍ଥାତ୍, ଏହି ଯୁଗରେ ଧର୍ମ ସେବନ ଯଶ ବର୍ଦ୍ଧନ ନିମନ୍ତେ ସମସ୍ତେ କରିବେ ।

କଳିଯୁଗରେ ପୃଥିବୀ ଅତ୍ୟଳ୍ପ ଶସ୍ୟ ପ୍ରଦାନ କରିବ । କୃଷିକ୍ଷେତ୍ରରୁ ଉତ୍ପାଦିତ ଶସ୍ୟ କ୍ଷୁଦ୍ରାକୃତି ଓ ସ୍ୱଳ୍ପ ହେବ । କଣ୍ଟାଝଟା ବୃକ୍ଷର ପ୍ରାବଲ୍ୟ ଦେଖାଦେବ । ମେଘ ଖୁବ୍ ଗର୍ଜନ ତର୍ଜନ କରିବ, ମାତ୍ର ସ୍ୱଳ୍ପ ଜଳ ଦାନ କରିବ । 'ହେ ପରୀକ୍ଷିତ । କଳିଯୁଗ ଶେଷ ହେବାବେଳକୁ ଲୋକମାନେ ଗାଧଙ୍କ ଭଳି ଦୁଃସହ ହୋଇଯିବେ । ଏପରି ସମୟରେ ଧର୍ମତ୍ରାଣାୟ ସତ୍ତ୍ୱେନ ଭଗବାନ ବତରିଷ୍ୟତି । ଅର୍ଥାତ୍, ଧର୍ମରକ୍ଷା ନିମନ୍ତେ ସତ୍ତ୍ୱଗୁଣ ସ୍ୱୀକାର କରି ସ୍ୱୟଂ ଭଗବାନ୍ ଅବତାର ଗ୍ରହଣ କରିବେ ।

ଭଗବାନଙ୍କର ପ୍ରତିଜ୍ଞା ତ ଏହିପରି । ଘୋର ସଙ୍କଟ ସମୟରେ ସତ୍ତ୍ୱ -ପ୍ରଧାନ ଭଗବାନ ଆବିର୍ଭାବ ହୋଇଥାନ୍ତି । ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍'' । ଦୁଷ୍କୃତସମ୍ପନ୍ନଙ୍କୁ ବିନାଶ କରି ସାଧୁଙ୍କୁ ପରିତ୍ରାଣ କରିବା ପାଇଁ ଭଗବାନ ଅବତରଣ କରିବେ ।

ସର୍ବବ୍ୟାପକ ଭଗବାନ ବିଷ୍ଣୁ ସର୍ବଶକ୍ତି ସମ୍ପନ୍ନ । ସେ ହିଁ ଚରାଚର ଜଗତର ଗୁରୁ । ସଜ୍ଜନଙ୍କୁ ରକ୍ଷା କରିବା ପାଇଁ ସେ ପୁଣି ଆବିର୍ଭାବ ହେବେ ଶମ୍ଭଳ ଗ୍ରାମରେ ।

ଶମ୍ଭଳଗ୍ରାମମୁଖ୍ୟସ୍ୟ ବ୍ରାହ୍ମଣସ୍ୟ ମହାତ୍ମନଃ ।

ଭବନେ ବିଷ୍ଣୁଯଶସ୍ତ କଲକିଃ ପ୍ରାଦୁର୍ଭବିଷ୍ୟତି । (ଶ୍ରୀ ଭା. ୧୨ ।୨ ।୧୮)

ଅର୍ଥାତ୍, ସେତେବେଳେ ଶମ୍ଭଳ ଗ୍ରାମରେ ବିଷ୍ଣୁଯଶା ନାମକ ଜଣେ ଶ୍ରେଷ୍ଠ ବ୍ରାହ୍ମଣ ଥିବେ । ସେ ଜଣେ ବିଶାଳ ତଥା ଉଦାର ହୃଦୟର ପରମ ଭଗବଦ୍‌ଭକ୍ତ ହୋଇଥିବେ । ତାଙ୍କ ଘରେ କଲ୍‌କି ଭଗବାନ୍ ଅବତାର ଗ୍ରହଣ କରିବେ ।

କଲ୍‌କି ଭଗବାନ ଅଷ୍ଟସିଦ୍ଧି ଓ ସମସ୍ତ ଗୁଣକୁ ଧାରଣ କରି ଦେବଦତ୍ତ ନାମକ ଏକ କ୍ଷୀପ୍ରଗାମୀ ଅଶ୍ୱ ଆରୋହଣ ପୂର୍ବକ ମ୍ଲେଚ୍ଛ ସଂହାର କରିବେ ।

କଲ୍‌କି ଅବତାର ଯେଉଁଦିନ ଆବିର୍ଭାବ ହେବେ ସେହି ଦିନଠାରୁ ସତ୍ୟଯୁଗର ପୁନଃ ସୂତ୍ରପାତ ହେବ ।

ଯଦା ଚନ୍ଦ୍ରଶ୍ଚ ସୂର୍ଯଶ୍ଚ ତଥା ତିଷ୍ୟବୃହସ୍ପତୀ ।

ଏକରାଶୌ ସମେଷ୍ୟନ୍ତ ତଦା ଭବତି ତତ୍ କୃତମ୍ । (ଶ୍ରୀ ଭା : ୧୨ ।୨ ।୨୪)



ଅର୍ଥାତ୍, ଯେତେବେଳେ ଚନ୍ଦ୍ର, ସୂର୍ଯ୍ୟ ଓ ବୃହସ୍ପତି ଏକ ସମୟରେ ଏକାବେଳରେ ପୁଷ୍ୟା ନକ୍ଷତ୍ରର ପ୍ରଥମ ପଳରେ ପ୍ରବେଶ କରିବେ, ଏକ ରାଶିରେ ପହଞ୍ଚେ, ସେହି ସମୟରେ ସତ୍ୟଯୁଗ ପ୍ରାରମ୍ଭ ହେବ ।

ପରୀକ୍ଷିତ ! ସପ୍ତର୍ଷି ମଣ୍ଡଳ ଯେଉଁ ସମୟରେ ମଘା-ନକ୍ଷତ୍ରରେ ବିଚରଣ କରିଥାନ୍ତି ସେହି ସମୟରେ କଳିଯୁଗ ଆରମ୍ଭ ହୋଇଥାଏ । କଳିଯୁଗର ଆୟୁ ଦେବବର୍ଷ ଅନୁସାରେ ବାରଶହ ବର୍ଷ । ଆମ ମନୁଷ୍ୟ ବର୍ଷ ଅନୁସାରେ ତାହା ଚାରି ଲକ୍ଷ ବତିଶ ହଜାର ବର୍ଷ । ସପ୍ତର୍ଷିମଘା-ନକ୍ଷତ୍ର ଅତିକ୍ରମ କରି ଯେତେବେଳେ ପୂର୍ବାଷାଢ଼ା-ନକ୍ଷତ୍ରରେ ପହଞ୍ଚି ଯାଇଥିବେ, ସେତେବେଳେ ନନ୍ଦଙ୍କ ରାଜୁତି ଆରମ୍ଭ ହେବ । ସେହି ସମୟରୁ କଳିଯୁଗର ପ୍ରାଦୁର୍ଭାବ ବଢ଼ିବାରେ ଲାଗିବ । କଳିଯୁଗ ଏକ ହଜାର ଦେବବର୍ଷ ଭୋଗ ହେବାପରେ ଏହାର ଅନ୍ତିମ ଦିନ ଆସିଯିବ ଏବଂ ସେତେବେଳେ କଲ୍‌କି ଭଗବାନଙ୍କ କୃପାରେ ମନୁଷ୍ୟଙ୍କ ମନରେ ସାତ୍ତ୍ୱିକତା ସଞ୍ଚାର କରିବ ଏବଂ ସତ୍ୟଯୁଗ ପଦାର୍ପଣ କରିବା ଆରମ୍ଭ କରିବ ।

କଳିଯୁଗରେ ପ୍ରଜା ନାହିଁ ନ ଥିବା ଦୁଃଖ, କଷ୍ଟ ଭୋଗ କରୁଥିବେ । ତ୍ରେତୟା, ଦ୍ୱାପର ଆଦି ଯୁଗରେ ପ୍ରଜାମାନେ ଯଜ୍ଞ, କର୍ମକାଣ୍ଡ ଆଦି ମାଧ୍ୟମରେ କଠିନ କଠିନ ପନ୍ଥା ଅବଲମ୍ବନ କରି ଶାନ୍ତି ପାଇବା ପାଇଁ ଚେଷ୍ଟା କରନ୍ତି । ବର୍ଷ ବର୍ଷ ଧରି ଜପ ତପ ସାଧନା ବିବିଧ ପ୍ରକାର କଷ୍ଟ ସ୍ୱୀକାରକରି ନୀତି ନିୟମ ପାଳନ କରିବାକୁ ହୋଇଥାଏ । ମାତ୍ର କଳି ଯୁଗରେ ଦୋଷରୁ ରକ୍ଷା ପାଇବା ପାଇଁ ସର୍ବୋତ୍ତମ ଉପାୟ ହେଉଛି ନାମ ସଂକୀର୍ତ୍ତନ ।

କଳିଯୁଗର ଅନେକ ଅନେକ ଦୋଷ ଅଛି ସତ; ମାତ୍ର ଲାଭ ମଧ ଗୋଟିଏ ଅଛି । କଳିଯୁଗରେ ଯେ କେହି କୃଷ୍ଣ କୀର୍ତ୍ତନର ଅଧିକାରୀ ହୋଇପାରନ୍ତି ଏବଂ ଯିଏ କୃଷ୍ଣ-କୀର୍ତ୍ତନ କରେ ତା' ଘରକୁ କଳି ପ୍ରବେଶ କରେ ନାହିଁ । ତେଣୁ କଳିରୁ ରକ୍ଷା ପାଇବା ପାଇଁ ଏକମାତ୍ର ଉପାୟ ହେଉଛି କୃଷ୍ଣ-କୀର୍ତ୍ତନ ।

ଶୁକଦେବ ପରୀକ୍ଷିତଙ୍କୁ କହିଲେ, ''ମୁଁ ଆପଣଙ୍କୁ କଳିଯୁଗର ସମସ୍ତ ପ୍ରକାର ଦୋଷ କଥା କହିଛି । କିନ୍ତୁ ଶ୍ରୀକୃଷ୍ଣ-କୀର୍ତ୍ତନ କରିବା ଦ୍ୱାରା ସମସ୍ତ ଦୋଷ, ପାପରୁ ମୁକ୍ତ ହୋଇ ପ୍ରଭୁ ପାଇବା ସହଜ ହୋଇଥାଏ ।

କୃତେ ଯଦ୍ ଧ୍ୟାୟତୋ ବିଷ୍ଣୁ ତ୍ରେତାୟାଂ ଯଜତୋ ମଖୈଃ ।

ଦ୍ୱାପରେ ପରିଚର୍ଯ୍ୟାୟାଂ କଲୌ ତଦ୍ଧରିକୀର୍ତ୍ତନାତ୍ । (ଶ୍ରୀ ଭା : ୧୨/୩/୫୨)

ସତ୍ୟଯୁଗରେ ଭଗବାନଙ୍କୁ ଧ୍ୟାନ କରିବା ଦ୍ୱାରା, ତ୍ରେତୟାରେ ବଡ଼ ବଡ଼ ଯଜ୍ଞ ଦ୍ୱାରା ତାଙ୍କୁ ଆରାଧନା କରି, ଦ୍ୱାପରରେ ବିଧିପୂର୍ବକ ପୂଜା ଦ୍ୱାରା ଫଳ ମିଳେ । କିନ୍ତୁ କଳିଯୁଗରେ ଭଗବାନଙ୍କ ନାମ-କୀର୍ତ୍ତନ କରିବା ଦ୍ୱାରା ଭଗବାନଙ୍କୁ ସହଜରେ ପାଇ ହୁଏ ।

ମଣିଷ କେବେ ବି ପରଦ୍ରୋହ ଓ ପରଛିଦ୍ର ଦର୍ଶନ କରିବା ଅନୁଚିତ । ମୃତ୍ୟୁ ସମୟରେ ପରମେଶ୍ୱରଙ୍କୁ ଧ୍ୟାନ କରିବା ଦ୍ୱାରା ଜୀବକୁ ତା' ନିଜର ସ୍ୱରୂପରେ ସମାହିତ କରିଦିଏ ।

ହେ ରାଜନ୍ ! ତୁମର ମୃତ୍ୟୁ ଆସନ୍ନ ହୋଇ ଗଲାଣି । ଏବେ ଆଉ କୌଣସି କଥା ଚିନ୍ତା କରନାହିଁ । ହୃଦୟରେ କେଶବଙ୍କୁ ସ୍ଥାପନ କରିଦିଅ । ସେ ତୁମକୁ ପରମଗତି ଦିଆଇ ଦେବେ ।

ହେ ରାଜନ୍ ! ଜନ୍ମ, ଜରା ଓ ମୃତ୍ୟୁ ହେଉଛି ଶରୀରର ଧର୍ମ, ଆତ୍ମାର ନୁହେଁ । ଆତ୍ମା ହେଉଛି ଅଜର ଅମର । ତେଣୁ ମୁଁ ମରିଯିବି ଏପରି ପଶୁବୁଦ୍ଧି ଏବେ ପରିତ୍ୟାଗ କରିଦିଅ । ଘଟ ଭାଙ୍ଗିଗଲେ ତହିଁରେ ପରିପୂର୍ଣ୍ଣ ହୋଇ ରହିଥିବା ଆକାଶ ମହାକାଶରେ ମିଶିଯାଏ । ସେହିଭଳି ଦେହୋତ୍ସର୍ଗ ହୋଇଗଲେ ଜୀବ ବ୍ରହ୍ମମୟ ହୋଇଯାଏ ।

ରାଜନ୍ ! ଆଜି ତକ୍ଷକ ଆସିବ । ତୁମକୁ ସେ ଦଂଶନ କରିବ । ତୁମ ଶରୀର ଏହାଦ୍ୱାରା ନଷ୍ଟ ହୋଇଯିବ । ମାତ୍ର ଆତ୍ମାର କିଛି କ୍ଷତି ହେବନାହିଁ । ଆତ୍ମା ହେଉଛି ପରମାତ୍ମାଙ୍କ ଅଂଶ— ଅହଂ ବ୍ରହ୍ମ ପରଂଧାମ ବ୍ରହ୍ମାହଂ ପରମଂ ପଦମ । ରାଜନ୍ । ମୁଁ ହିଁ ହେଉଛି ପରମାତ୍ମା ରୂପ ବ୍ରହ୍ମ । ଆଉ ପରମ ପଦ ରୂପୀ ବ୍ରହ୍ମ ବି ମୁଁ ହିଁ- ଏପରି ଭାବି ନିଜର ଆତ୍ମାକୁ ବ୍ରହ୍ମ ସହିତ ସମ୍ମିଳିତ କରିଦିଅ ।

ତକ୍ଷକ-କାଳ ବି ଶ୍ରୀକୃଷ୍ଣଙ୍କର ଅଂଶ । ଶରୀର ନାଶବାନ୍, ଆତ୍ମା ଅବିନଶ୍ୱର । ମୁଁ ଯେ ପର୍ଯ୍ୟନ୍ତ ଏହିଠାରେ ଥିବି ତକ୍ଷକ ଏଠାକୁ ଆସିବ ନାହିଁ । ତୁମର ଯଦି ଅଧିକ କିଛି ଜାଣିବା ପାଇଁ ଇଚ୍ଛା ଥାଏ ତେବେ କାଳବିଳମ୍ବ ନ କରି ପଚାର ।

ପରୀକ୍ଷିତ ତତ୍‌କାଳ କହିଲେ, ''ଭଗବନ୍ ! ଆପଣ ମୋତେ ବ୍ୟାପକ ବ୍ରହ୍ମଙ୍କ ଦର୍ଶନ କରାଇ ଦେଇଛନ୍ତି । ଏବେ ମୁଁ ସମ୍ପୂର୍ଣ୍ଣ ନିର୍ଭୟ ହୋଇଯାଇଛି ।

# ମନ ହାରିଲେ ହାର ମନ ଜିତିଲେ ଜିତ

ସଂସାରର ସମସ୍ତ ଜୀବଙ୍କ ମଧ୍ୟରେ ମାନବର ଶ୍ରେଷ୍ଠତା ଓ ପ୍ରଭୁ ପ୍ରଦତ୍ତ ବରଦାନଗୁଡ଼ିକ ମାଧ୍ୟମରେ ମନର ସର୍ବୋତ୍କୃଷ୍ଟତା ସର୍ବମାନ୍ୟ । ସାଧାରଣତଃ ମନର ଅର୍ଥ ହେଉଛି ପ୍ରାଣୀମାନଙ୍କର ସେହି ଶକ୍ତି ଯାହା ଦ୍ୱାରା ବିଚାର, ପର- ଆପଣା, ସୁଖ-ଦୁଃଖ ଓ ସଂକଳ୍ପର ଅନୁଭୂତି ହୋଇଥାଏ ।

ବିଦ୍ୱାନମାନେ ମନକୁ ଭିନ୍ନ ଭିନ୍ନ ଢଙ୍ଗରେ ବିବେଚନ କରିଛନ୍ତି । ଚଞ୍ଚଳତା ଓ ସ୍ୱଚ୍ଛନ୍ଦତା ମନର ନୈସର୍ଗିକ ବିଶେଷତ୍ୱ । ଏହି କାରଣରୁ ଦାର୍ଶନିକମାନେ ମାନନ୍ତି ଯେ ମାନବ ମନ ସେହି ଜଳାଶୟ ଭଳି, ଯାହାର ସ୍ଥିର ଜଳ ବାୟୁର ପ୍ରଭାବରେ ଲହରୀଗୁଡ଼ିକରେ ପରିବର୍ତ୍ତିତ ହୋଇ ଶୀଘ୍ର ଗତିଶୀଳ ହୋଇଯାଏ ।

ମନୋବୈଜ୍ଞାନିକମାନଙ୍କ ଅନୁସାରେ ମାନବ ମନରେ ସର୍ବପ୍ରଥମେ ବିଚାର ଉଠିଥାଏ ଏବଂ ପୁଣି ତାହା ଉପରେ ମନ୍ଥନ ହୋଇଥାଏ ଓ ତାପରେ କ୍ରିୟାନ୍ୱୟନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ବିଚାର ହିଁ ବ୍ୟକ୍ତିର ଉତ୍ଥାନ ଓ ପତନର ଆଧାର ହୋଇଥାଏ । ମନ ପରିବେଶ ଦ୍ୱାରା ଶୀଘ୍ର ପ୍ରଭାବିତ ହୋଇ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟଗୁଡ଼ିକ ଉପରେ ଆଧାତ୍ୟ ସ୍ଥାପନ କରିନିଏ । ତେଣୁ ଅନୁଭବୀ ସନ୍ଥମାନେ ମନକୁ ଏକାଦଶ ଇନ୍ଦ୍ରିୟ ବୋଲି ସ୍ୱୀକାର କରିଛନ୍ତି ।

ମନ ହିଁ ମନୁଷ୍ୟର ସେହି ଶକ୍ତି, ଯାହା ସାହାଯ୍ୟରେ ସେ ନରରୁ ନାରାୟଣ ଓ ପୁରୁଷରୁ ପୁରୁଷୋତ୍ତମ ହୋଇ ପାରେ । ଅର୍ଥାତ୍ ମନରେ ଉଠୁଥିବା ବିଚାର ଯଦି ଶ୍ରେଷ୍ଠ ହେବ ତେବେ ମନୁଷ୍ୟ ଉନ୍ନତିର ଶିଖରରେ ପହଞ୍ଚି ପାରିବ, କିନ୍ତୁ ନିକୃଷ୍ଟ ଚିନ୍ତନ ତାକୁ ପତନର ଗର୍ଭକୁ ଠେଲି ଦେଇଥାଏ । କାରଣ ମନର ସ୍ୱାଭାବିକ ପ୍ରବୃତ୍ତି ହେଲା ମନୋନୁକୂଳ କାର୍ଯ୍ୟ ପ୍ରତି ସମ୍ବନ୍ଧିତ ଇନ୍ଦ୍ରିୟକୁ ଶୀଘ୍ର ପ୍ରଭାବିତ କରିଦେବା । ଯଦି ମନୁଷ୍ୟ ନିଜର ମନକୁ ନିୟନ୍ତ୍ରଣ କରିନିଏ ତେବେ ତା'ର ସମସ୍ତ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ହୋଇଯାଏ ।

ଶାସ୍ତ୍ରକାର ଓ ସନ୍ଥମାନେ ମନର ନିୟନ୍ତ୍ରଣ ଓ ପରିଷ୍କାର ପାଇଁ ଅନେକ ଉପାୟ ବତାଇଛନ୍ତି । ଯଜୁର୍ବେଦରେ କୁହାଯାଇଛି – 'ମୋର ମନ ଶିବସଂକଳ୍ପ ପରାୟଣ ହେଉ ଏବଂ ଉତ୍ତମ ବିଚାରଗୁଡ଼ିକୁ ଧାରଣ କରିବା ଯୋଗ୍ୟ ହେଉ ।'

ଯଦି ଆମେ ମନ ମାଧ୍ୟମରେ ବଡ଼ ସଫଳତା ଅର୍ଜନ କରିବାର ଅଛି ତ ଆମକୁ ଉଦାତ୍ତ ବୈଚାରିକ ଦୃଢ଼ ସଂକଳ୍ପ ଶକ୍ତିକୁ ଅନ୍ତଃକରଣରେ ଧାରଣ କରିବାକୁ ହେବ । ଅନୁଭବୀ ସନ୍ଥମାନଙ୍କ ଅନୁସାରେ ମନକୁ ନିୟନ୍ତ୍ରଣରେ ରଖିବା ପାଇଁ ପଞ୍ଚ ବିକାର-କାମ, କ୍ରୋଧ, ମଦ, ଲୋଭ ଓ ମୋହଠାରୁ ଦୂରେଇ ରଖି ସଦ୍‌ଗୁଣଗୁଡ଼ିକର ସମାବେଶ କରିବା ପରମ ଆବଶ୍ୟକ । ମନର ପରିଷ୍କାର ପାଇଁ ଇନ୍ଦ୍ରିୟ ସଂଯମ, ସନ୍ଥମାନଙ୍କର ସାନ୍ନିଧ୍ୟ, ସସଙ୍ଗ ଓ ବିବେକ ଆଦିର ପ୍ରାପ୍ତି ହରି କୃପା ବିନା ସମ୍ଭବ ନୁହେଁ ।

ମନ ପ୍ରାଣୀର ଶରୀରରେ ନିରନ୍ତର ଗତିଶୀଳ ରହୁଥିବା ନିରାକାର ଭାଗ ଅଟେ । ମନ ନିଜର କଳ୍ପନାଗୁଡ଼ିକ ମାଧ୍ୟମରେ ସମୟ ଓ ଅନ୍ୟ ସୀମାଗୁଡ଼ିକର ଉର୍ଦ୍ଧ୍ୱରେ ଏବଂ ସେଥିପାଇଁ ସେ ହଜାର ହଜାର ବର୍ଷ ଆଗକୁ-ପଛକୁ, ରାଜା ଠାରୁ ରଙ୍କ ପର୍ଯ୍ୟନ୍ତ କ୍ଷଣିକ ମଧ୍ୟରେ ପହଞ୍ଚି ପାରେ ।

ମନୁଷ୍ୟ ମନର ଦୁଇଟି ରୂପ ହେଉଛି- ଚେତନ ମନ ଓ ଅଚେତନ ମନ । ମନର ଶକ୍ତି ଏହି ଦୁଇଟିରେ ସମାହିତ ରହିଥାଏ । ଚେତନ ଆମର ବୌଦ୍ଧିକ ପ୍ରଗତି ଉପରେ ଆଧାରିତ ହୋଇଥାଏ । ଆମର ଯେଉଁ ସବୁ କାର୍ଯ୍ୟ ବୁଝି-ବିଚାରି କରାଯାଏ, ତାହା ଜାଗ୍ରତ ଅବସ୍ଥାରେ ହୋଇଥାଏ । ଏହି କାର୍ଯ୍ୟ ଆମର ଚେତନା ଦ୍ୱାରା ହୋଇଥାଏ, ଯାହା ଚେତନ ମନର ନିର୍ଦ୍ଦେଶରେ ସଞ୍ଚାଳିତ ହୋଇଥାଏ । ଅଥଚ ଅଚେତନ ମନ ଚେତନାର ଦାସ ନୁହେଁ, ଏହା ସର୍ବଦା ଉନ୍ମୁକ୍ତ ଅଟେ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ମନ ହାରିଲେ ହାର... ଦ୍ବିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ମନୋବୈଜ୍ଞାନିକମାନଙ୍କ ଅନୁସାରେ-ଅଚେତନ ମନ ଏତେ ସୂକ୍ଷ୍ମ ହୋଇଥାଏ ଯେ ଚେତନାର ନିର୍ଦ୍ଦେଶର ପ୍ରତୀକ୍ଷା କରିବା ବିନା ହିଁ ସ୍ୱାଭାବିକ ରୂପେ କର୍ମ କରିଥାଏ । ବାସ୍ତବରେ ଅଚେତନ ମନ ବ୍ୟକ୍ତିର ଆଧିପତ୍ୟରୁ ଏକପ୍ରକାର ଊର୍ଦ୍ଧ୍ୱରେ ଥାଏ । କେବେ କେବେ ତ ଏହାର କାର୍ଯ୍ୟ ଆମର ଇଚ୍ଛା ବିରୁଦ୍ଧରେ ହୋଇଯାଏ । ଏହି ଅଚେତନ ମନ ଶୋଇବା – ଜାଗିବା ପ୍ରତ୍ୟେକ ସ୍ଥିତିରେ କ୍ରିୟାଶୀଳ ରହିଥାଏ । ପ୍ରକୃତରେ ଏହା ଆମର ମୂଳ ପ୍ରବୃତ୍ତିଗୁଡ଼ିକର ହିଁ ସଂବାହକ । ଏହା କେବେ ଅଟକେ ନାହିଁ କି ଥକେ ନାହିଁ । ଅଚେତନ ମନ ହିଁ ବ୍ୟକ୍ତିର ଶକ୍ତିର ଭଣ୍ଡାର ।

ଅଚେତନ ମନ ଅନ୍ତର୍ଗତ ସମାହିତ ଉତ୍ତମ ବୃତ୍ତି ଓ ଉତ୍ତମ ସଂସ୍କାର ସ୍ଥାୟୀ ଗ୍ରନ୍ଥିଗୁଡ଼ିକ ରୂପେ ସ୍ଥାପିତ ହୋଇଯାଏ । ସେଗୁଡ଼ିକ ସହଜରେ ଉତ୍ସାହ ପୂର୍ବକ ଉତ୍ତମ କାର୍ଯ୍ୟଗୁଡ଼ିକୁ କରିବା ପାଇଁ ଅଭ୍ୟସ୍ତ ହୋଇଯାଏ । ବିପରୀତ ପକ୍ଷେ ଯଦି ଅଚେତନ ମନରେ ବିଷାକ୍ତ ପ୍ରବୃତ୍ତିର ଗ୍ରନ୍ଥି ଜମିଯାଏ ତ ଅଚେତନ ମନ ନିଜେ ସେହି ଅବାଞ୍ଛିତ କର୍ମଗୁଡ଼ିକୁ କୌଣସି ନିର୍ଦ୍ଦେଶ ବିନା କରିବାକୁ ଲାଗିଯାଏ ।

ଅଚେତନ ମନର ଆଧାରର ରୂପରେଖ ବ୍ୟକ୍ତିର ବିଚାରଗୁଡ଼ିକ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ । ଯେଉଁ ଭାବନା, କଳ୍ପନା ଓ ସଂକଳ୍ପ ଗୁଡ଼ିକର ଚିନ୍ତନ ଦୃଢ଼ତା ପୂର୍ବକ ବ୍ୟକ୍ତି କ୍ରମାଗତ ଅଧିକ କାଳ ପର୍ଯ୍ୟନ୍ତ କରିଥାଏ, ସେ ସବୁ ତା'ର ଅଚେତନ ମନକୁ ଓହ୍ଲାଇ ଯାଏ ଏବଂ ସ୍ଥିରତା ଧାରଣ କରିନିଏ ।

ଅନ୍ତରାତ୍ମାର ସଂକେତରେ ଅସତ୍ୟ ଓ ଦୁର୍ବଳ ବିଚାର ଏବଂ ମନ୍ତବ୍ୟଗୁଡ଼ିକୁ ଦୂର କରି ଶୁଭ, ସତ୍ୟ ଓ ଶିବସଙ୍କୁ ସ୍ଥାପନ କରିବା ଉଚିତ । ବ୍ୟକ୍ତିର ଅଚେତନ ମନରେ ସାତ୍ତ୍ୱିକ ଭାବଗୁଡ଼ିକୁ ଦୃଢ଼ କରିବା ପାଇଁ ଶ୍ରଦ୍ଧା ହିଁ ଏକମାତ୍ର ଆଧାରଭୂତ ତତ୍ତ୍ୱ । ଶ୍ରଦ୍ଧା ହିଁ ଆମର ଉର୍ଜା ଭଣ୍ଡାର । ଶ୍ରଦ୍ଧା ବିନା ଜ୍ଞାନ ନିଷ୍ଫଳ ହୋଇଯାଏ, କ୍ରିୟା ଶକ୍ତିବିହୀନ ହୋଇଯାଏ ଏବଂ ମନୁଷ୍ୟ ଏକ କ୍ଷୁଦ୍ର ପ୍ରାଣୀ ମାତ୍ର ହୋଇ ରହିଯାଏ ।

ପ୍ରାୟ ଅଧିକାଂଶ ବ୍ୟକ୍ତି ବାହାରୁ ତ ଭଜନ କରିଥାନ୍ତି, କିନ୍ତୁ ଇନ୍ଦ୍ରିୟଗୁଡ଼ିକ ମାଧ୍ୟମରେ ବିଷୟଗୁଡ଼ିକର ରସ ନେଇଥାନ୍ତି । ପ୍ରକୃତରେ ସେହି ଲୁଚିଥିବା ରସକୁ ହିଁ ଖୋଜି ଖୋଜି ନିକାଲିବାର ଆବଶ୍ୟକତା ରହିଛି । ଯେତେବେଳ ପର୍ଯ୍ୟନ୍ତ ସେହି ରସ ଭିତରେ ଲୁଚି ରହିବ, ସେତେବେଳ ପର୍ଯ୍ୟନ୍ତ କଲ୍ୟାଣର ଆଶା ଦୁରାଶା ମାତ୍ର ହୋଇଥାଏ । ତେଣୁ ମନକୁ ନିତ୍ୟପ୍ରତି ନିରୀକ୍ଷଣ କରିବା ଅତି ଆବଶ୍ୟକ ଏବଂ ମହତ୍ତ୍ୱପୂର୍ଣ୍ଣ ସାଧନ ।

ବହୁତ ସ୍ୱାଧ୍ୟାୟ ଅଥବା ସତ୍ସଙ୍ଗ ଦ୍ୱାରା ଯେଉଁ ଲୋକ କୁତର୍କ ପ୍ରାପ୍ତ କରିନିଏ, ତାହା ଅଭିମାନର ଜନକ ହେବା ଯୋଗୁଁ ପତନର କାରଣ ହୋଇଯାଏ । ମୁଁ ଆତ୍ମା ଅଟେ । ଏପରି କେବଳ କହିବାର ନୁହେଁ, ବରଂ ଅଭ୍ୟାସ କରିବାର ବସ୍ତୁ ଅଟେ । ଆତ୍ମା ହୋଇ ବୁଦ୍ଧିକୁ ଦେଖ ଏବଂ ବୁଦ୍ଧି ଦ୍ୱାରା ନିଜର ମନକୁ ଦେଖ । ଦେହାଭିମାନ ହିଁ ସବୁ ଅନର୍ଥର ମୂଳ, ତାହାର ସମୂଳ ଅନ୍ତ କରିବା ହିଁ ସମସ୍ତ ଆଧ୍ୟାତ୍ମିକ ପ୍ରକ୍ରିୟାର ଆଧାର । ଦେହାଭିମାନ କାରଣରୁ କାମନାଗୁଡ଼ିକ ନିଜର ବିନାଶକାରୀ ପ୍ରଭାବ ଦେଖାଇଥାଏ ।

କାମନା ହିଁ କାମ, କ୍ରୋଧ ଓ ଲୋଭ ହୋଇ ଜ୍ଞାନକୁ ଆଚ୍ଛାଦନ କରିନିଏ । ମୁଁ ଆତ୍ମା, ମନକୁ ବଶ କରିବା ପାଇଁ ଏହି ଜ୍ଞାନର ଆବଶ୍ୟକତା ରହିଛି । ଆତ୍ମା ହୋଇ ମନରେ ଲୁଚିଥିବା କାମନାଗୁଡ଼ିକୁ ନିଜର ଜ୍ଞାନାଗ୍ନି ଦ୍ୱାରା ଭସ୍ମ କରି ପାରିବ । ଆମର ମନ ହିଁ ଆମର କଲ୍ୟାଣ କରି ପାରିବ । ଏହି ମନ ଆମର ବଶରେ ନ ରହିଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ ମଧ ଆମର କଲ୍ୟାଣ କରି ପାରିବେ ନାହିଁ ।

ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟତ୍ ।

ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ।

ଅର୍ଥାତ୍ ମନୁଷ୍ୟର ମନ ହିଁ ତା'ର କଲ୍ୟାଣର ସାମର୍ଥ୍ୟ ରଖିଥାଏ । ମନ ହିଁ ମନୁଷ୍ୟର ମିତ୍ର ଆଉ ସେହି ମନ ତା'ର ଶତ୍ରୁ ମଧ ।

ବିଷୟ ପାଇଁ ବ୍ୟାକୁଳ ହେଉଥିବା ମନରେ ଯେବେ ଭଗବାନଙ୍କ ପ୍ରତି ତୀବ୍ର ଅନୁରାଗ ଜାଗ୍ରତ ହୋଇଥାଏ, ସେତେବେଳେ ଏହି ଜୀବର କଲ୍ୟାଣ ହୋଇପାରେ । ଏହାକୁ ଜାଗ୍ରତ କରିବାର ଏକମାତ୍ର ଉପାୟ ହେଉଛି, ମନ ସମ୍ମୁଖରେ ଏପରି ଅକାଟ୍ୟ ଯୁକ୍ତି ରଖାଯାଉ, ଯଦ୍ୱାରା ତାହା ବିଷୟଗୁଡ଼ିକରୁ ଉପରାମ ହୋଇ ଭଗବାନଙ୍କ ଚରଣର ଅନୁରାଗୀ ହୋଇଯିବ ।

ରୋଗୀକୁ ଔଷଧ ଠିକ୍ କରେ ଅଥବା ତା'ର ରୋଗର ନିଦାନ, ଏ ଉପରେ ବିଚାର କରିବା ଦରକାର । ବାସ୍ତବରେ ରୋଗର ଠିକ୍ ଠିକ୍ ନିଦାନ ହେବା ପରେ ଯଦି ଔଷଧ ଦିଆଯାଏ ତ ରୋଗ ଦୂର ହେବାରେ ଅଧିକ ବିଳମ୍ବ ହୋଇ ନଥାଏ । ଯଦି ରୋଗର ନିଦାନ ଠିକ୍ ନ ହୋଇ ଭୁଲ ହୋଇଯାଏ ତ ଦିଆ ଯାଇଥିବା ଔଷଧ ପ୍ରତିକୂଳ ହୋଇ ଅଧିକ ହାନିକାରକ ହୋଇଯାଏ । ନିଦାନରେ ସମୟ ଲାଗିଥାଏ, ଔଷଧ ଦେବାରେ ନୁହେଁ । ଔଷଧ ତ ନିଶ୍ଚିତ, ପ୍ରସ୍ତୁତ ହୋଇ ରହିଥାଏ ।

ଏହି ପ୍ରକାର ଯେତେବେଳେ ନିଜ ମନର ରୋଗଗୁଡ଼ିକର ସଠିକ ନିଦାନ ହୋଇଯିବ ତ ତାହା ଠିକ୍ ହେବାରେ ଅଧିକ ବିଳମ୍ବ ହେବ ନାହିଁ । ସନ୍ଥମାନଙ୍କ ସାନ୍ନିଧ୍ୟରେ, ସାତ୍ତ୍ୱିକ ବାତାବରଣରେ ଅଥବା ସଙ୍ଗରେ ନିଜ ମନର ଦୋଷ ସ୍ପଷ୍ଟ ରୂପେ ଦେଖା ଯାଇଥାଏ । ତେଣୁ ଏପରି ଭାବରେ ବସି ନିଜର ମନକୁ ଦେଖନ୍ତୁ ଆଉ ଆତ୍ମନିରୀକ୍ଷଣ କରନ୍ତୁ ।

ନିଜେ ନିଜକୁ ପଚାରନ୍ତୁ ଯେ ଏତେ ବର୍ଷ ଧରି ମାଳା ଗଡ଼ାଇ ଗଡ଼ାଇ କେତେ ଯେ ମାଳା ଘସି ହୋଇ ସରିଗଲା, ତଥାପି ଅମୁକ ଦୋଷ ମୋ ମନରେ କାହିଁକି ଲୁଚି ବସିଛି ଭଜନର ପ୍ରଭାବରୁ କାମ, କ୍ରୋଧ ଆଦି ବିକାର ନଷ୍ଟ ହେବା ଉଚିତ ଥିଲା, କିନ୍ତୁ ସେଗୁଡ଼ିକ ତ ଭିତରେ ଲୁଚି ରହିଛି ଓ ସମୟ ମିଳିଲେ ଆମକୁ ଆକ୍ରମଣ କରୁଛି । ଏହା ସହିତ ମହାତ୍ମା ହେବାର ଅଭିମାନ ଆହୁରି ବଢ଼ିଯାଏ ।

ଏହି ଲୁଚିଥିବା ଶତ୍ରୁଗୁଡ଼ିକୁ ବାହାର କରିବା ପାଇଁ ଦୃଢ଼ ନିଶ୍ଚୟ କରନ୍ତୁ । ଦୃଢ଼ ନିଶ୍ଚୟ ହିଁ ଲକ୍ଷ୍ୟର ମାର୍ଗକୁ ପ୍ରଶସ୍ତ କରିଥାଏ ଏବଂ ଏହି ପ୍ରକାର ନିଶ୍ଚୟ ଶ୍ରେଷ୍ଠ ବାତାବରଣରେ ସମ୍ଭବ । ଶରୀରର ରୋଗଗୁଡ଼ିକ ପାଇଁ ମନୁଷ୍ୟ ପାଣି ପରି ପଇସା ବୁହାଇଥାଏ । ଘରର ସାମାନ ବିକି ତଥା ଋଣ ନେଇ ବି ରୋଗରୁ ମୁକ୍ତ ହେବା ପାଇଁ ଚାହିଁଥାଏ, କିନ୍ତୁ ମନର ରୋଗଗୁଡ଼ିକୁ ଦୂର କରିବା ଦିଗରେ ମନୁଷ୍ୟ ଟିକିଏ ବି ଧ୍ୟାନ ଦେଇ ନ ଥାଏ । ଯେତେବେଳେ ଶରୀରକୁ ତ୍ୟାଗ କରି ଏହି ପ୍ରାଣପକ୍ଷୀ ଅନନ୍ତ ଦିଗରେ ଉଡ଼ି ଚାଲିବ ତ କେଉଁ ସମ୍ପର୍କୀୟ କାମରେ ଆସିବେ ।

ସାଧାରଣ ଓ ସଂସାରରେ ଆସକ୍ତ ବ୍ୟକ୍ତି ମନର ନିରୀକ୍ଷଣ କରିପାରି ନ ଥାଏ । ସାତ୍ତ୍ୱିକ ବୁଦ୍ଧି ଦ୍ୱାରା ହିଁ ମନର ନିରୀକ୍ଷଣ ସମ୍ଭବ । ଯେପରି ରକ୍ତର ଏକ ବୁନ୍ଦାରେ ଲକ୍ଷ ଲକ୍ଷ କୀଟାଣୁ ରହିଥାନ୍ତି, କିନ୍ତୁ ସେଗୁଡ଼ିକୁ ଏହି ଆଖି ଦ୍ୱାରା ଦେଖାଯାଇ ନ ପାରେ । ବଟ ବୃକ୍ଷର ବୀଜ ସୋରିଷ ଭଳି ହୋଇଥାଏ, ପରନ୍ତୁ ସେଥିରେ ବିଶାଳ ବୃକ୍ଷ ଲୁଚି ରହିଥାଏ । ଏହିପରି ମନରେ ମଧ କୋଟି କୋଟି ଦୂଷିତ ସଂସ୍କାର ସମାହିତ ।

ଏପରି ସ୍ଥିତିରେ ଆମେ ସେଗୁଡ଼ିକୁ ଦେଖି ପାରିବା ଭଳି ଦୃଷ୍ଟି ରଖିବା ଏବଂ ସେଗୁଡ଼ିକୁ ସାବଧାନତା ପୂର୍ବକ ଦେଖିବା ଆବଶ୍ୟକ । ଏହି ଜୀବନର ପ୍ରତିଟି ଶ୍ୱାସ ବହୁ ମୂଲ୍ୟବାନ୍, ତାକୁ ବ୍ୟର୍ଥ ହେବାକୁ ଦେବା ନାହିଁ । କେଉଁ କ୍ଷଣରେ ଏହି ଭିତରୁ ବାହାରୁଥିବା ଶ୍ୱାସ ପୁଣି ଭିତରକୁ ଫେରିବ କି ନାହିଁ କିଏ ଜାଣେ । ତେଣୁ ଦୃଢ଼ ନିଶ୍ଚୟ କରନ୍ତୁ ଯେ ଆମର ମନ ପତନ ଦିଗରେ ନ ଯାଉ । ଆଗାମୀ ଜନ୍ମରେ ମନୁଷ୍ୟ ଶରୀର ହିଁ ମିଳୁ, ଅତି କମ୍‌ରେ ଏପରି ଶୁଭ ସଂକଳ୍ପ ରହିବା ଆବଶ୍ୟକ । ଶୁଭ ଭାବନା ମନକୁ ଦିଶା ଦେଇଥାଏ । ଭାବନାକୁ ସ୍ୱଚ୍ଛ ରଖିବା ଦ୍ୱାରା ମନ ସନ୍ତୁଳିତ ରହିଥାଏ ।

## ଗ୍ରୀନ୍ ଟି'ରେ ସ୍ମରଣ ଶକ୍ତି ବୃଦ୍ଧି

ସ୍ମରଣ ଶକ୍ତି ବୃଦ୍ଧି କରିବା ପାଇଁ ଗବେଷକମାନେ ଗ୍ରୀନ୍ ଟି ପିଇବା ପାଇଁ କହିଛନ୍ତି । ଚୀନର ଥର୍ଡ ମିଲିଟାରୀ ମେଡିକାଲ୍ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି ଯେ, ଗ୍ରୀନ୍ ଟି'ରେ ଥିବା ରସାୟନ ମସ୍ତିଷ୍କର କୋଷିକାକୁ ସକ୍ରିୟ କରି ସ୍ମରଣ ଶକ୍ତି ବୃଦ୍ଧି କରିଥାଏ ଏବଂ ଶିଖିବାର ଦକ୍ଷତା ଅଧିକ ସକ୍ରିୟ କରିଥାଏ । ଦୀର୍ଘଦିନ ଧରି ଗ୍ରୀନ୍ ଟି ପିଇଲେ, ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ପ୍ରଫେସର ୟୁନ୍ ବାଇ କହିଛନ୍ତି ଯେ, ଗ୍ରୀନ୍ ଟି' ହୃଦରୋଗ ଦୂର କରିବାରେ ସହାୟକ ହୋଇଥାଏ ।



## ଆଜିର ଚିନ୍ତନ

ଏକଦା ଦେବର୍ଷି ନାରଦ ନିଜର ଏକ ଜିଜ୍ଞାସା ନେଇ ପରମପିତା ପରମେଶ୍ୱରଙ୍କ ପାଖରେ ପହଞ୍ଚିଲେ ଏବଂ ତାଙ୍କୁ କହିଲେ– "ପ୍ରଭୁ ! ଆପଣ ଦେବତା ଓ ଅସୁରଙ୍କ ମଧ୍ୟରେ ପ୍ରଭେଦ କାହିଁକି ରଖିଛନ୍ତି । ପରମପିତା ସ୍ମିତହାସ୍ୟ କରି ନାରଦଙ୍କୁ କହିଲେ- "ଦେବର୍ଷି କେଉଁ ପ୍ରଭେଦ ? ଦେବର୍ଷି ନାରଦ କହିଲେ– "ଭଗବାନ । ଦେବତା ଓ ଅସୁର– ଏହି ଦୁଇ ଜଣ ହିଁ ଆପଣଙ୍କର ସନ୍ତାନ । ଆପଣ ଦୁଇ ଜଣଙ୍କୁ ସମାନ ଅଧିକାର ଦେବା ଉଚିତ ଥିଲା, ପୁଣି ଆପଣ ଜଣଙ୍କୁ ସ୍ୱର୍ଗର ସାମ୍ରାଜ୍ୟ ଦେଇଛନ୍ତି ଏବଂ ଅନ୍ୟ ଜଣଙ୍କୁ ନରକରେ ପକାଇଛନ୍ତି, ଏପରି କାହିଁକି ?

ଦେବର୍ଷି ନାରଦ ପୁନଶ୍ଚ କହିଲେ- "ଦେବତା ସ୍ୱର୍ଗର ସମସ୍ତ ସୁବିଧା, ସବୁ ଐଶ୍ୱର୍ଯ୍ୟ ଭୋଗ କରନ୍ତି ଏବଂ କଳ୍ପବୃକ୍ଷ, କାମଧେନୁ, ଚିନ୍ତାମଣିରୁ ନେଇ ଉଚ୍ଚୈଶ୍ରବା, ଐରାବତ ପରି ତମାମ ରତ୍ନର ଅଧିକାର ତାଙ୍କ ଅଧୀନରେ, ସେମାନେ ଯଜ୍ଞ ଭାଗର ମଧ ଅଧିକାରୀ ଅଟନ୍ତି, ଯେତେବେଳେ କି ଅସୁରମାନେ ନରକର ଅନ୍ଧକାରରେ ପଡ଼ି କଷ୍ଟ ଭୋଗିଥାନ୍ତି । ସେମାନେ ସମସ୍ତ ଲାଞ୍ଛନାର ଅଧିକାରୀ ହୋଇଥାନ୍ତି । ଏହି ଦୁହେଁ ତ ଆପଣଙ୍କର ସନ୍ତାନ, ତାହେଲେ ଦୁହିଁଙ୍କ ମଧ୍ୟରେ ଏହି ଅସମାନତା, ଏହି ଭେଦଭାବ କାହିଁକି ?

ପରମପିତା କହିଲେ 'ନାରଦ ! ଦୁଇ ଜଣଙ୍କ ମଧ୍ୟରେ ପ୍ରଭେଦ ହେଲା ପ୍ରବୃତ୍ତିର, ଅନ୍ୟ କୌଣସି ଗୁଣ ନୁହେଁ । ଯଦି ଦେବତ୍ୱ ବଂଶାନୁଗତ ହୋଇଥାନ୍ତା ତ ଆମେ ବଳିକୁ, ପ୍ରହ୍ଲାଦକୁ, ବିରୋଚନକୁ ଦେବତୁଲ୍ୟ କାହିଁକି ମାନିଥାନ୍ତେ – ଏମାନେ ସମସ୍ତେ ଅସୁର କୁଳରେ ଜନ୍ମଗ୍ରହଣ କରିଥିଲେ, ଯେତେବେଳେ କି ରାବଣ ଋଷିପୁତ୍ର ହୋଇ ମଧ ରାକ୍ଷସ ପଦବାଚ୍ୟ ହୋଇଥିଲା । ଯଦି ତୁମେ ଦୁହିଁଙ୍କ ମଧ୍ୟରେ ପ୍ରବୃତ୍ତିର ଅନ୍ତର ଜାଣିବାକୁ ଚାହଁ ତେବେ ମୁଁ ସନ୍ଧ୍ୟାବେଳେ ତୁମକୁ ଏହାର ପ୍ରତ୍ୟକ୍ଷ ପ୍ରମାଣ ଦେଖାଇ ଦେବି ।

ଦେବର୍ଷି ନାରଦ ହଁ କହିବା ପରେ ପରମେଶ୍ୱର ତାଙ୍କୁ କହିଲେ ଯେ ସୃଷ୍ଟିର ସମସ୍ତଙ୍କ ନିକଟରେ ଏହି ସନ୍ଦେଶ ପହଞ୍ଚାଇ ଦିଅ ଯେ ଆଜି ମୁଁ ଏକ ଭୋଜିର ଆୟୋଜନ କରିଛି । ସମସ୍ତେ ଠିକ୍ ସମୟରେ ଆସି ପହଞ୍ଚିବେ । ଅସୁରମାନେ ସମୟ ପୂର୍ବରୁ ହିଁ ଆସିଗଲେ । ତାଙ୍କୁ ନାନା ପ୍ରକାର ବ୍ୟଞ୍ଜନ ପରଷା ଗଲା । ଭୋଜନ ପ୍ରାରମ୍ଭ କରିବା ସମୟରେ ହିଁ ପରମେଶ୍ୱର ସେଠାରେ ପହଞ୍ଚିଲେ ଓ କହିଲେ - ଭୋଜନ ଆପଣ ସମସ୍ତଙ୍କୁ ମିଳିବ, ମାତ୍ର ଗୋଟିଏ ସର୍ତ୍ତ ରହିଛି । ସର୍ତ୍ତ ଏହା ଯେ କହୁଣିକୁ ନ ମୋଡ଼ି ଭୋଜନ କରିବାକୁ ହେବ । ଭୋଜନ ଆପଣ ଯେତେ ଚାହିଁଲେ ଖାଇ ପାରିବେ, କିନ୍ତୁ ଆପଣଙ୍କ କହୁଣି ମୋଡ଼ି ହେବ ନାହିଁ ।" ଅସୁରମାନେ ଏହି ସର୍ତ୍ତ ଶୁଣି ବଡ଼ ଅସମଞ୍ଜସରେ ପଡ଼ିଗଲେ । ସେମାନେ କହୁଣି ନ ମୋଡ଼ି ଭୋଜନ କରିବାର ପ୍ରୟାସ କଲେ, କିନ୍ତୁ ଅସଫଳ ହେଲେ । ସବୁ ଭୋଜନ ତଳେ ପଡ଼ିଗଲା ଏବଂ ସେମାନେ ଭୋକରେ ଉଠିଗଲେ । ସମସ୍ତେ ପରମେଶ୍ୱରଙ୍କ ଉପରେ ବିରକ୍ତ ହେଲେ ଯେ ଏପରି ବିଚିତ୍ର ସର୍ତ୍ତ କାହିଁକି ରଖିଲେ ? ଭୋକିଲା ହିଁ ରଖିବାକୁ ଯଦି ଚାହୁଁଥିଲେ ତ ଆଗରୁ କହି ଦେଇଥାନ୍ତେ । ଏମିତି ଅଜବ ସର୍ତ୍ତ ରଖିବାର କ'ଣ ଆବଶ୍ୟକତା ଥିଲା ?

ଏବେ ଦେବତାମାନଙ୍କର ପାଳି ପଡ଼ିଲା । ଭୋଜନ ସେମାନଙ୍କୁ ମଧ ପରଷା ଗଲା । ଭୋଜନ ପ୍ରାରମ୍ଭ ହେବା ସମୟ ପୂର୍ବରୁ ପରମେଶ୍ୱର ସେଠାରେ ପହଞ୍ଚିଲେ ଏବଂ ସେହି ସର୍ତ୍ତ ଦେବତାମାନଙ୍କ ସମ୍ମୁଖରେ ମଧ ରଖିଲେ । ସର୍ତ୍ତ ଶୁଣିବା କ୍ଷଣି ଦେବତାମାନେ ବୁଝିଗଲେ ଯେ ନିଜର ଭୋଜନ ବାଣ୍ଟିକରି ସହଯୋଗ ପୂର୍ବକ ଖାଇବାକୁ ହେବ । ପ୍ରତ୍ୟେକ ଦେବତା ନିଜ ନିକଟରେ ଥିବା ଦେବତାଙ୍କ ପାଖରେ ବସି ପଡ଼ିଲେ । ପ୍ରତ୍ୟେକ କହୁଣି ନ ମୋଡ଼ି ନିଜ ବାମ ପଟେ ବସିଥିବା ଦେବତାଙ୍କୁ ଖୁଆଇ ପେଟ ଭରିଦେଲେ, ଅର୍ଥାତ୍ ତାଙ୍କୁ ଭୋଜନ କରାଇ ଦେଲେ । ଏହି ଘଟଣାକ୍ରମ ଦେବର୍ଷି ନାରଦଙ୍କୁ ଦେଖାଇ ପରମେଶ୍ୱର କହିଲେ - ଆପଣ ଦେଖିଲେ ଦେବର୍ଷି ! ଦେବତା ଓ ଅସୁରଙ୍କ ମଧ୍ୟରେ ପ୍ରଭେଦ ତାଙ୍କ ପ୍ରବୃତ୍ତି କାରଣରୁ ଅଟେ, ଆଉ ଅନ୍ୟ କିଛି କାରଣ ନାହିଁ । ଆସୁରୀ ପ୍ରବୃତ୍ତିର ବ୍ୟକ୍ତି ବାଣ୍ଟିବା ନୁହେଁ, ଏକତ୍ର କରିବା ବା ନିଜ ପାଇଁ ଠୁଳ କରିବା ଜାଣେ, ଯେତେବେଳେ କି ଦୈବୀ ପ୍ରକୃତିର ବ୍ୟକ୍ତି ଠୁଳ କରିବା ନୁହେଁ ବିତରଣ କରିବା ଜାଣିଥାଏ ।

ଶ୍ରୀକ୍ଷେତ୍ର

ବର୍ଷ ୨୭, ସଂଖ୍ୟା- ୩୪, ୨୧ - ୨୭ ଅଗଷ୍ଟ ୨୦୨୨

# ଦେଶର ସଂପତ୍ତି ଆମର ସଂପତ୍ତି

ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଓ 'ବିବିଧତାରେ ଏକତା' ଏହାର ମୂଳ ମନ୍ତ୍ର । ଅନେକ ଭାଷା, ଅନେକ ଧର୍ମ ଓ ଅନେକ ପ୍ରକାର ଚାଲିଚଳଣିକୁ ନେଇ ଏ ମହାନ ଭାରତବର୍ଷ ବିଶ୍ୱରେ ଅନନ୍ୟ । ଗଣତନ୍ତ୍ରର ଅର୍ଥ ହେଲା ଦେଶର ସଂସାଧନ ଓ ଶାସନ ତନ୍ତ୍ରର ମାଲିକ ଖୋଦ ନିଜେ ଜନତା । ଗାଁର ସରକାରୀ ସ୍କୁଲଠାରୁ ଆରମ୍ଭ କରି କଲେଜ, ବିଶ୍ୱବିଦ୍ୟାଳୟ ଡାକ୍ତରଖାନା, ଦପ୍ତର, ରେଳ ଷ୍ଟେସନ, ବିମାନ ବନ୍ଦର, ରାଜରାସ୍ତା ଆଦିର ମାଲିକ ଦେଶର ଜନତା । ଆମେ ଆମ ଇଚ୍ଛାରେ ଭୋଟ ଦେଇ ପ୍ରତିନିଧି ବାଛୁ, ସରକାର ଗଢୁ । ଯଦି ଶାସନତନ୍ତ୍ର ଉପରେ ଜନତା ନାରାଜ ହୁଏ ତା' ହେଲେ ପ୍ରତିବାଦ କରିବାର ଆମର ଅଧିକାର ଅଛି । କିନ୍ତୁ ଏହି ଆଳରେ ସରକାରୀ ସମ୍ପତ୍ତିକୁ ଛାରଖାର କରି ଦେଶର କ୍ଷତି କରିବା କେତେଦୂର ଉଚିତ ତାହା ଚିନ୍ତାସାପେକ୍ଷ ।

୧୯୯୧ରେ ମଣ୍ଡଳ କମିଶନ ବିରୁଦ୍ଧରେ ଆନ୍ଦୋଳନ ହେଉ ଅଥବା ନାଗରିକ ସଂଶୋଧନ ବିଲ ବିରୋଧରେ ଉଗ୍ର ପ୍ରଦର୍ଶନ ହେଉ କିମ୍ବା ଅଗ୍ନିବୀର ଯୋଜନା ପ୍ରତ୍ୟାହାର ଦାବିରେ ହିଂସାତ୍ମକ ପ୍ରଦର୍ଶନ ସବୁ ସମୟରେ ଦେଶର ବିପୁଳ ସମ୍ପତ୍ତିକୁ ନଷ୍ଟ କରାଯାଇଛି । ଏହାର ପ୍ରଥମ କାରଣ ହେଲା ଆମ ଯୁବଶକ୍ତି ଭିତରେ ଦେଶ ପ୍ରେମର ଅଭାବ । ଏକ ଆକଳନରୁ ଜଣାଯାଏ ଯେ ଅଗ୍ନିବୀର ଯୋଜନା ପ୍ରତ୍ୟାହାର ଦାବିରେ ହୋଇଥିବା ଆନ୍ଦୋଳନରେ ପ୍ରାୟ ସାତଶହ କୋଟି ଟଙ୍କାର ଜାତୀୟ ସମ୍ପତ୍ତି ମାଟିରେ ମିଶିଗଲା । ଶାନ୍ତି ପୂର୍ବକ ଆନ୍ଦୋଳନ କରି କିପରି ଶାସନ ତନ୍ତ୍ରକୁ ଦୋହଲେଇ ହୁଏ ତାହାର ଉଦାହରଣ ହେଉଛି ଆନ୍ନା ହଜାରେଙ୍କ ଆନ୍ଦୋଳନ । ଜାତି-ଧର୍ମ- ବର୍ଣ୍ଣ ନିର୍ବିଶେଷରେ ଆନ୍ନାଙ୍କ ଆନ୍ଦୋଳନକୁ ଭରପୂର ସମର୍ଥନ ମିଳିଥିଲା ।

ଆମେ ନିକଟ ଅତୀତରେ ଆମେରିକାରେ ବ୍ୟାପିଥିବା ରଙ୍ଗଭେଦୀ ଆନ୍ଦୋଳନକୁ ଦେଖି । କିନ୍ତୁ ଏତେବଡ଼ ଆନ୍ଦୋଳନରେ ସେଠାକାର କୌଣସି ଜାତୀୟ ସମ୍ପତ୍ତି ନଷ୍ଟ ହୋଇ ନଥିଲା । ହଂକଂରେ ଚୀନ ବିରୋଧୀ ଆନ୍ଦୋଳନରେ ହଜାର ହଜାର ଆନ୍ଦୋଳନକାରୀ ଅନେକ ଦିନ ଧରି ବିରୋଧ ପ୍ରଦର୍ଶନ କରିଥିଲେ ମଧ କୌଣସି ଜାତୀୟ ସମ୍ପତ୍ତି ନଷ୍ଟ ହୋଇ ନଥିଲା । ଏହାର କାରଣ ହେଲା ସେମାନେ ଦେଶର ସମ୍ପତ୍ତିକୁ ନିଜର ସମ୍ପତ୍ତି ଭାବନ୍ତି । ଆମ ଦେଶରେ ସରକାରୀ ସମ୍ପତ୍ତିକୁ ନଷ୍ଟ କରିବାରେ ଆମ ଲୋକଙ୍କୁ ଆନନ୍ଦ ମିଳିଥାଏ । ଅର୍ଥାତ ଆମ ଯୁବ ଶକ୍ତି ଭିତରେ ପ୍ରଖର ରାଷ୍ଟ୍ର ଭକ୍ତିର ଅଭାବ ପରିଲକ୍ଷିତ ହୁଏ, ଯାହା ବିଦେଶରେ ନଥାଏ ।

ତେଣୁ ଆମମାନଙ୍କୁ ଯୁବ ଶକ୍ତି ଭିତରେ ଛାତ୍ର ଅବସ୍ଥାରୁ ଦେଶ ପ୍ରେମର ଭାବନା ଭରି ଦେବାକୁ ହେବ । ଇଏ ସେଇ ଦେଶ, ଯାହାର 'ବନ୍ଦେ ମାତରମ୍...'ର ଗୋଟିଏ ସ୍ୱରରେ ଭଗତ ସିଂ, ରାଜଗୁରୁ, ଜୟୀ ରାଜଗୁରୁ, ବାଜି ରାଉତ ଭଳି ଅନେକ ଯୁବ ପ୍ରାଣ ଆହୁତି ଦେଇଥିଲେ । ତେବେ ଆଜି ଯୁବଶକ୍ତି ପଥଭ୍ରଷ୍ଟ କାହିଁକି ? ଭାରତ ପୃଥିବୀର ଏକ ଯୁବା ଦେଶ, ଯେଉଁଠାରେ ୬୫ ପ୍ରତିଶତ ଲୋକ ୩୫ ବର୍ଷରୁ କମ୍ ବୟସର । ତେଣୁ ଏହି ଯୁବ ସମାଜ ଭିତରେ ଦେଶ ପ୍ରତି ସମ୍ମାନ, ଦେଶ ପ୍ରେମ ଓ ଦେଶ ପାଇଁ ବଳିଦାନ ଦେଇ ପାରୁଥିବା ଯୁବସମାଜ ତିଆରି କରିବା ଆମର କର୍ତ୍ତବ୍ୟ ।

ଯେ କୌଣସି ଆନ୍ଦୋଳନ ସମୟରେ ସାଧରଣ ସମ୍ପତ୍ତିକୁ ନଷ୍ଟ କରିବା ଅର୍ଥ ଦେଶ ଅହିତରେ କାମ କରିବା । ଏହାକୁ କଦାପି ଔଚିତ୍ୟ କରାଯାଇ ପାରିବିନି । ପୂର୍ବରୁ ଜାଠ ଆନ୍ଦୋଳନ ସମୟରେ ୩୫ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ କରିଦିଆଗଲା । ସେହିପରି ଗୁଜୁରାଟର ପଚ୍ଚିଦାର ଆନ୍ଦୋଳନ ହେଉ ଅଥବା ନିକଟରେ ମହମ୍ମଦ ପୈଗମ୍ବର ପ୍ରକରଣ ହେଉ ସବୁବେଳେ ଦେଶର ସମ୍ପତ୍ତିକୁ ମନଇଚ୍ଛା ନଷ୍ଟ କରିଦିଆଗଲା । ଆମେ ନିରବଦ୍ରଷ୍ଟା ହେଇ ରହିଲେ । ଏପରିକି କୃଷକ ଆନ୍ଦୋଳନ ନାମରେ ରାଜପଥକୁ କବଳିତ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ଦେଶରେ ଶିଳ୍ପ ଓ ବାଣିଜ୍ୟକୁ ବାତିଲ୍ କରିଦିଆଗଲା । ଏହାଦ୍ୱାରା ଷାଠିଏ ହଜାର କୋଟିର କ୍ଷତି ଘଟିଲା । ସବୁଠୁ ବଡ଼ କଥା ହେଲା ସ୍ୱଳ୍ପ ସମୟ ଭିତରେ ଆମେ ସେସବୁ ଭୁଲିଯାଉ । ଏ ବିଷୟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମୟ ସମୟରେ ଅନେକ ମାର୍ଗଦର୍ଶିକା ପ୍ରଦାନ କରିଥିଲେ ମଧ ସେସବୁ କୋଣସି ପ୍ରଭାବ ପକେଇ ପାରିନାହିଁ । ଆମକୁ ମନେ ରଖିବା ଉଚିତ ଯେ ସରକାର କେବଳ ଆମ ସମ୍ପତ୍ତିର ରକ୍ଷକ ମାତ୍ର, ଅସଲ ମାଲିକ ହେଲେ ଆମେ ଜନତା । ତେଣୁ ସରକାରୀ ସମ୍ପତ୍ତିକୁ ନଷ୍ଟ କରି ନିଜର ଦାବିକୁ ପ୍ରଭାବୀ କରିବା ଏକ ମୂର୍ଖତା ମାତ୍ର । ଏହି ମାନସିକତାରୁ ଯୁବ ସମାଜକୁ ଦୂରେଇ ଦେଶପ୍ରେମର ଭାବନା ଜାଗ୍ରତ କରିବାରେ ଦାୟିତ୍ୱ କାହାର ସରକାରଙ୍କର ନା ବିରୋଧୀଙ୍କର ? ପ୍ରକୃତରେ ଦେଶ ଆମ ସମସ୍ତଙ୍କର ଓ ଯୁବ ସମାଜ ମନରେ ଏକ ଦୃଢ଼ ଚିନ୍ତାଧାରା ରହିବା ଉଚିତ ଯେ, ଏ ଦେଶ ଆମର, ଏହାର ସମ୍ପତ୍ତି ଆମର । ତେଣୁ ଏହାର କ୍ଷତି ଆମର ହିଁ କ୍ଷତି ।



# ଯୁଦ୍ଧର ପ୍ରତିରୋଧ

## ମହାତ୍ମା ଗାନ୍ଧୀ

ଯେତେବେଳେ ଦୁଇଟି ଜାତି ମଧରେ ଯୁଦ୍ଧ ଲାଗିଛି, ସେତେବେଳେ ସେହି ଯୁଦ୍ଧକୁ ବନ୍ଦ କରାଇବା ହିଁ ଅହିଂସାର ଜଣେ ଉପାସକର କର୍ତ୍ତବ୍ୟ ହୋଇ ରହିବା ଉଚିତ । ଯାହାଠାରେ ସେହି କର୍ତ୍ତବ୍ୟଟିକୁ ତୁଲାଇବା ଲାଗି ଅନୁରୂପ ସାମର୍ଥ୍ୟ ନ ଥିବ, ଯୁଦ୍ଧର ପ୍ରତିରୋଧ କରିବାକୁ ଶକ୍ତି ନଥିବ, ସିଏ ଇଚ୍ଛା କଲେ ଯୁଦ୍ଧରେ ଭାଗ ନେଇପାରିବ ଏବଂ ତଥାପି ପୂର୍ଣ୍ଣ ହୃଦୟର ସହିତ ନିଜକୁ, ନିଜର ଜାତିକୁ, ଏବଂ ପୃଥିବୀକୁ ଯୁଦ୍ଧରୁ ମୁକ୍ତ କରି ଆଣିବାଲାଗି ଚେଷ୍ଟା କରୁଥିବ ।

ଯୁଦ୍ଧ ଯେ ଏକ ଅବିମିଶ୍ରିତ ମନ୍ଦ, ସେହି ବିଶ୍ୱାସଟି ମୋ ଭିତରେ ଦୃଢ଼ ହୋଇ ରହିଛି ଯୁଦ୍ଧ ପ୍ରତି ଘୃଣା ପୋଷଣ କରିବା କ୍ଷେତ୍ରରେ ମୁଁ କଦାପି କାହାରି ପଛରେ ରହିପିବି ନାହିଁ । ମାତ୍ର, ବିଶ୍ୱାସ ଗୋଟିଏ କଥା, ତାହାକୁ କାର୍ଯ୍ୟକାରୀ କରିବା ଆଉ ଗୋଟିଏ କଥା । ଆପଣାର ଆଦର୍ଶ ଦ୍ୱାରା ପରିଚାଳିତ ହୋଇ ହୁଏତ ଜଣେ ଯୁଦ୍ଧ-ପ୍ରତିରୋଧୀ ଯେଉଁ କାର୍ଯ୍ୟଟିକୁ କରିବାକୁ ଯିବ, ତାହା ହୁଏତ ଆଉଜଣେ ଯୁଦ୍ଧପ୍ରତିରୋଧୀକୁ ଗର୍ହିତ ବୋଲି ଦିଶିବ । ଏହି ଦ୍ୱିତୀୟ ଜଣକ ହୁଏତ ଠିକ୍ ବିପରୀତ କାର୍ଯ୍ୟଟିକୁ ହିଁ କରୁଥିବ ଏବଂ ତଥାପି ଉଭୟ ବ୍ୟକ୍ତିଙ୍କର ଯୁଦ୍ଧ ବିଷୟରେ ଏକା ମତ ମଧ ରହିଥିବ । ଏସବୁ ବିରୋଧ ସମ୍ଭବ ହେଉଛି, କାରଣ ମନୁଷ୍ୟର ପ୍ରକୃତି ଅତ୍ୟନ୍ତ ବିଭ୍ରାନ୍ତିକାରୀ ଭାବରେ ଜଟିଳ ହୋଇ ରହିଛି । ତେଣୁ, ଏକା ନୀତିର ଅନୁଗାମୀମାନଙ୍କ କ୍ଷେତ୍ରରେ ମଧ ମୁଁ କେବଳ ପାରସ୍ପରିକ ସହନଶୀଳତା ରହୁ ବୋଲି ବିନୀତ ଭାବରେ କହିବି ।

ଯେପର୍ଯ୍ୟନ୍ତ ଆମେ ଯୁଦ୍ଧର କାରଣଗୁଡ଼ିକୁ ବୁଝି ନାହୁଁ ଓ ମୌଳିକ ଭାବରେ ସେଗୁଡ଼ିକର ସମ୍ମୁଖୀନ ହୋଇନାହୁଁ, ସେପର୍ଯ୍ୟନ୍ତ ଯୁଦ୍ଧକୁ ବନ୍ଦ କରିବାର ସକଳ କ୍ରିୟାଶୀଳତା କେବଳ ନିଷ୍ଫଳ ବୋଲି ହିଁ ପ୍ରମାଣିତ ହେଉଥିବ । ପୃଥିବୀର ତଥାକଥିତ ଅଧିକ ଦୁର୍ବଳ ଜାତିମାନଙ୍କର ଶୋଷଣ ନିମନ୍ତେ ଏବେ ଯେଉଁ ଅମାନୁଷିକ ପ୍ରତିଯୋଗିତା ଚାଲିଛି, ଆଧୁନିକ ସକଳ ଯୁଦ୍ଧର ତାହା ହିଁ ସର୍ବପ୍ରଥମ କାରଣ ନୁହେଁ କି ?

ଯଦି ଯୁଦ୍ଧ ପଛରେ କୌଣସି ମୋକ୍ଷକାରୀ ଉପାଦାନ, କୌଣସି ସାହସ ଅଥବା କୌଣସି ବୀରତ୍ୱ ନଥାନ୍ତା, ତେବେ ଏହା ଏକ ଅତ୍ୟନ୍ତ ଘୃଣ୍ୟ ବସ୍ତୁରେ ପରିଣତ ହୋଇ ରହିଥାନ୍ତି ଏବଂ ତାହାର ବିଲୋପ ପାଇଁ କୌଣସି ବକ୍ତୃତା ଦେବା ଆଦୌ ଆବଶ୍ୟକ ହେଉ ନଥାନ୍ତା । ମାତ୍ର, ମୁଁ ତୁମମାନଙ୍କୁ ଯେଉଁ କଥାଟିର ପରାମର୍ଶ ଦେବି, ତାହା ହେଉଛି ରେଡ୍‌କ୍ରସ ସଂଗଠନ ସମେତ ଯୁଦ୍ଧର ଯାବତୀୟ ଶାଖାକ୍ଷେତ୍ର ଓ ବିଭାଗ ଅପେକ୍ଷା ଅନନ୍ତ ଗୁଣରେ ଅଧିକ ଉପାଦେୟ । ମୋ' ସମ୍ମୁଖରେ ଅନେକ ଅଧିକ ଲକ୍ଷ ଓ ନିୟୁତ ବନ୍ଦୀମାନେ ରହିଛନ୍ତି ସେମାନେ ନିଜ ନିଜ ଉଗ୍ର ବାସନାର ଏବଂ ଜୀବନର ପରିସ୍ଥିତିଗୁଡ଼ିକର ଦାସ ହୋଇ ରହିଛନ୍ତି, ଏବଂ ବିଶ୍ୱାସ କର, ନିୟୁତ ନିୟୁତ ଲୋକ ଆପଣାର ମୂର୍ଖତାଦ୍ୱାରା ହିଁ ଆହତ ହୋଇ ପଡ଼ିଛନ୍ତି ଓ ଏହି ପୃଥିବୀ ବକ୍ଷ ଉପରେ ନିୟୁତ ନିୟୁତ ଖଣ୍ଡ ଖଣ୍ଡ ହୋଇଥିବା ପରିବାର ମଧ ରହିଛି । ଆଗାମୀ କାଲିର ଶାନ୍ତି ସମିତିମାନଙ୍କ ପାଇଁ ସେଥିଲାଗି ସେମାନେ ଆନ୍ତର୍ଜାତିକ ସେବାକାର୍ଯ୍ୟ କରିବାକୁ ମନ କଲେ ଯଥେଷ୍ଟ କାର୍ଯ୍ୟ ମହଜୁଦ ହୋଇ ରହିଛି ।

ସଂପ୍ରତି ଘଟୁଥିବା ଘଟଣାମାନ ଅହିଂସାର ସକଳ ବିଧାନକୁ ଏତେଟିକିଏ ହେଲେ ଅପେକ୍ଷା କରୁନାହିଁ ଏବଂ ମନେ ହେଉଛି, ସତେ ଯେପରି ହିଂସା ହିଁ ଏକ ଚିରନ୍ତନ ବିଧାନ ପରି ସିଂହାସନା ରୂଢ଼ ହୋଇ ରହିବ ବୋଲି ନିର୍ଦ୍ଦିଷ୍ଟ ହୋଇ ରହିଛି ।... ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଜଣେ ଆଉ ଜଣକୁ ଅତିକ୍ରମ କରିଯିବା ପାଇଁ ଏକ ଉନ୍ମତ୍ତ ପ୍ରତିଯୋଗିତା ଚାଲିଛି । ଯେତେବେଳେ ସଂଘାତର ସମୟ ଆସିବ, ଦିନେ ନା ଦିନେ ସଂଘାତ ଅବଶ୍ୟ ହେବ, ସେତେବେଳେ ଯଦି ଗଣତନ୍ତ୍ରମାନେ ଜୟଲାଭ କରିବେ, ତେବେ ସେମାନେ ନିଜ ନିଜ ଜନଗଣଙ୍କର ସମର୍ଥନ ଲାଭ କରୁଛନ୍ତି ବୋଲି ହିଁ ଜୟଲାଭ କରିବେ । ଏହି ଜନଗଣ କଳ୍ପନା କରୁଛନ୍ତି ଯେ, ନିଜ ନିଜ ସରକାରରେ ସେମାନଙ୍କ ମତର ମଧ ଏକ ମୂଲ୍ୟ ଅବଶ୍ୟ ରହିଛି ।

# ପେଟର ଚର୍ବି କମ୍ ପାଇଁ ଭଲ ଦଳିୟା

ସାଧାରଣତଃ ପ୍ରସବ ପରେ ମହିଳାଙ୍କ ଓଜନ ବଢ଼ିବା ସହ ପେଟର ଚର୍ବି ମଧ ସହଜରେ ହ୍ରାସ ପାଇଥାଏ । ଏଣୁ ସେମାନେ ରୀତିମତ ଯୋଗ, ବ୍ୟାୟାମ, ଡାଏଟିଂ କଲେ ମଧ ସେଭଳି ଆଖିଦୃଶିଆ ଲାଭ ମିଳି ନ ଥାଏ । ଏପରିସ୍ଥଳେ ଦଳିୟା ସେବନ କଲେ ୧ ମାସ ମଧରେ ପେଟର ଚର୍ବି କମ୍ ହୋଇଥାଏ । ଖାଦ୍ୟ ବିଶେଷଜ୍ଞ ଅଞ୍ଜୁ ମେହେରା, ମହିଳାଙ୍କ ପାଇଁ ଦଳିୟା ସୁପରଫୁଡ୍ ବୋଲି ପ୍ରକାଶ କରିଛନ୍ତି । ଆଜିକାଲି ସମସ୍ତ ସୁପରମାର୍କେଟ୍ ମଲରେ ଦଳିୟା ଉପଲବ୍ଧ ।

ଦଳିୟାରେ ଭରପୂର ମାତ୍ରାରେ ଫାଇବର ଥିବାରୁ ତାହା କୋଲେଷ୍ଟରଲର ସ୍ତର କମ୍ କରିଥାଏ । ଏହା ଖାଇଲେ ଶୀଘ୍ର ଭୋକ ଲାଗେ ନାହିଁ । ପେଟର ଚର୍ବି ମଧ ଶୀଘ୍ର ହ୍ରାସ



ପାଏ । ନିୟମିତ ଭାବେ ସକାଳ ଜଳଖିଆରେ କର୍ମଜୀବୀ ମହିଳାମାନେ ଏହା ଖାଇଲେ ଦିନସାରା ସେମାନଙ୍କୁ ଫୁର୍ତ୍ତି ଲାଗିଥାଏ ।

# ଏନିମିୟା ଦୂର କରେ ଚଣା-ଗୁଡ଼

ଶରୀରରେ ହିମୋଗ୍ଲୋବିନ୍‌ର ପରିମାଣ କମ୍ ହେଲେ ଏନିମିୟା ରୋଗ ହୋଇଥାଏ । ମହିଳାଙ୍କ ଶରୀରରେ ଆଇରନର ପରିମାଣ କମ୍ ରହୁଥିବାରୁ ଏହି ରୋଗ ଅଧିକ ଦେଖାଯାଏ । ଯାହାଦ୍ୱାରା ସେମାନେ ବହୁତ ଶୀଘ୍ର ଥକି ଯିବା ସହ ଦୁର୍ବଳତା ଅନୁଭବ କରନ୍ତି । ତେଣୁ ଏହି ରୋଗରେ ପୀଡ଼ିତ ମହିଳାଙ୍କୁ ଆଇରନଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଏ । ଯାହାଦ୍ୱାରା ହିମୋଗ୍ଲୋବିନର ସ୍ତର ସଠିକ୍ ରହିଥାଏ । ତେବେ ସାଧାରଣତଃ ଗୁଡ଼ ଓ ଚଣା ଦେହ ପାଇଁ ବହୁତ ହିତକର । ଏହି ଦୁଇଟିକୁ ମିଶାଇ ଖାଇଲେ ଅନେକ ରୋଗରୁ ମୁକ୍ତ ମିଳିଥାଏ । ଗୁଡ଼ ଓ ଚଣା ମିଶାଇ ଖାଇବା ଦ୍ୱାରା ଏନିମିୟା ରୋଗ ଭଲ ହୋଇଥାଏ । ଗୁଡ଼ ଏବଂ ଚଣା



ଆଇରନରେ ଭରପୂର ଥିବାରୁ ଏନିମିୟାରୁ ବଞ୍ଚିବା ପାଇଁ ଏହା ବହୁତ ଲାଭଦାୟକ ଅଟେ । ଗୁଡ଼ରେ ଉଚ୍ଚ ମାତ୍ରାରେ ଆଇରନ ଏବଂ ବତୁରା ହୋଇଥିବା ଚଣାରେ ଆଇରନ ସାଙ୍ଗକୁ ପ୍ରୋଟିନ ମଧ ରହିଥାଏ । ତେଣୁ ମହିଳାମାନେ ଏହି ଦୁଇଟି ଜିନିଷକୁ ମିଶାଇ ଖାଇଲେ ଶରୀରକୁ ଉପଯୁକ୍ତ ପରିମାଣର ପ୍ରୋଟିନ୍ ଏବଂ ଆଇରନ୍ ମିଳିଥାଏ । ଏହା ବ୍ୟତୀତ ଗୁଡ଼ ଓ ଚଣା ମଧ ଶରୀରରେ ଶକ୍ତି ବଢ଼ାଇଥାଏ । ଏଥିରେ ଆଇରନ ପରିମାଣ ଅଧିକ ଥିବାରୁ ଶରୀରରୁ ଏକ ଉର୍ଜ୍ଜା ବାହାରେ ଯାହା ଶରୀରରୁ ଥକ୍କାପଣ ଦୂର କରିଥାଏ ଏବଂ ଶକ୍ତି ଯୋଗାଇଥାଏ । ମାତ୍ର ଏହାକୁ ଅଧିକ ପରିମାଣରେ ନଖାଇ ନିୟନ୍ତ୍ରଣ ମାତ୍ରାରେ ଖାଇବା ଉଚିତ ।

# ସ୍ୱର୍ବେଦ

**ଜିଜ୍ଞାସୁ ଆୟେ ଶରଣ, ଆତ୍ମ**
**ସମର୍ପଣ କୀନ ।**
**ସଦ୍‌ଗୁରୁ ଭାୱ ଅନନ୍ୟ ମେଁ,**
**ସାରଶବ୍ଦ ଗତି ଲୀନ ॥୨୧॥**

ଭାଷ୍ୟ - ଜିଜ୍ଞାସୁ ସଦ୍‌ଗୁରୁଙ୍କର ଶରଣାଗତ ହୋଇ, ଆତ୍ମ ସମର୍ପଣ କରି ତାଙ୍କର ଅନନ୍ୟ ଶରଣ ଭକ୍ତି ଦ୍ୱାରା ପରମ ପୁରୁଷଙ୍କୁ ପ୍ରାପ୍ତ କରି ତାଙ୍କରି ନିକଟରେ ନିରନ୍ତର ତନ୍ମୟ ରହିଥାନ୍ତି ।

**ତିକ୍ଷଣ ଜେହି ୱୈରାଗ୍ୟ ହୈ,**
**ତ୍ୟାଗେ ୱିଷୟ ୱିଲାସ ।**
**ମୋହ ନିଶା ପରବୁଦ୍ଧ ହୈ, ଜ୍ଞାନୀ**
**ସଦ୍‌ଗୁରୁ ଦାସ ॥୨୨॥**

ଭାଷ୍ୟ - ଯେଉଁ ବିବେକୀ ତତ୍ତ୍ୱବେତ୍ତାଙ୍କର ସଂସାର ପ୍ରତି ତୀବ୍ର ବୈରାଗ୍ୟ ରହିଛି, ସେ ସଂସାରର ଭୋଗ ଇଚ୍ଛାକୁ ତ୍ୟାଗ କରିଥାନ୍ତି ଏବଂ ଏହି ସଂସାର ରୂପୀ ମୋହ ରାତ୍ରିରେ ସଦା ଉଜାଗର ରହି ନିଜ ଚେତନ ପ୍ରକାଶରେ ବିଚରଣ କରିଥାନ୍ତି । ସେହି ବିବେକୀ ଭକ୍ତ ସଦ୍‌ଗୁରୁଙ୍କର ଅନୁଗାମୀ ତଥା ବାସ୍ତବ ସେବକ ଅଟନ୍ତି ।

**ଧୈର୍ଯ୍ୟ ୱିୱେକାଭ୍ୟାସ ସେ, ଆତ୍ମ**
**ହଟେ ସତ୍ୟ ଭେଶ ।**
**ଭୋଗ ଭୋଗ ଶାନ୍ତୀ ନହିଁ, ୟହ**
**ସଦ୍‌ଗୁରୁ ଉପଦେଶ ॥୨୩॥**

ଭାଷ୍ୟ - ଧୈର୍ଯ୍ୟ ଏବଂ ବିବେକ ସହିତ ଯୋଗାଭ୍ୟାସ ଦ୍ୱାରା ସତ୍ୟର ପ୍ରାପ୍ତି ହୋଇଥାଏ ଏବଂ ଆତ୍ମା ଠାରୁ ଭୋଗ, ରାଗ ଆଦିର ପ୍ରବୃତ୍ତି ଛାଡ଼ିଯାଏ । ଭୋଗ ଏବଂ ତ୍ୟାଗରୁ ହିଁ ଭୋଗର ଇଚ୍ଛା ପରିତ୍ୟାଗ ହୋଇଥାଏ । ଏଥିପାଇଁ ସଦ୍‌ଗୁରୁଙ୍କର ସହଜ ଯୋଗାଭ୍ୟାସ ହିଁ ଅତ୍ୟନ୍ତ ଉପାଦେୟ ଅଟେ । ଭୋଗର ଉପଭୋଗ ଭୋଗର ତୃପ୍ତି ନୁହେଁ । ଏହା ସଦ୍‌ଗୁରୁଙ୍କର ଉପଦେଶ ତଥା ନିର୍ଭ୍ରାନ୍ତ ମହାବାକ୍ୟ ଅଟେ ।

**ସଚ୍ଚା ପ୍ରଭୁ କା ଭକ୍ତ ହୈ, କେୱଲ**
**ପ୍ରେମ ପ୍ରୱାହ ।**
**ଭିନ ଚିନ୍ତିତ ନହିଁ ଭକ୍ତ ହୈ, ଭକ୍ତ**
**ନହାଁ କୁଛ ଚାହ ॥୨୪॥**

ଭାଷ୍ୟ - ଯିଏ କାୟମନୋବାକ୍ୟ ଏବଂ ଆତ୍ମାରେ ଶୁଦ୍ଧ ଅଟନ୍ତି, ସେ ପ୍ରଭୁଙ୍କର ସଚ୍ଚୋଟ ତଥା ପ୍ରକୃତ ଭକ୍ତ ଅଟନ୍ତି ଏବଂ ତାଙ୍କ ନିକଟରେ ଶୁଦ୍ଧ ରୂପରେ ପ୍ରଭୁଙ୍କ ପ୍ରତି ପ୍ରେମ ପ୍ରବାହ ଅବିରତ ପ୍ରବାହିତ ହୋଇଥାଏ । ପ୍ରଭୁଙ୍କ ଠାରୁ ଭିନ୍ନ ଅନ୍ୟ କୌଣସି ପଦାର୍ଥ ପ୍ରତି ତାଙ୍କର ଚିନ୍ତା ନ ଥାଏ, କିମ୍ବା ଅନ୍ୟ କୌଣସି ବସ୍ତୁ ପ୍ରତି ଇଚ୍ଛା ଥାଏ । ଏହା ସଚ୍ଚୋଟ ଭକ୍ତର ପବିତ୍ର ସ୍ୱରୂପ ଅଟେ ।

**ୟୋଗୀ ଶୁଭ ଅରୁ ଅଶୁଭ କା, ଜା**
**ପ୍ରତି କରେ ୱିଚାର ।**
**ଇଷ୍ଟ ଅନିଷ୍ଟ ଫଲ ହୋତ ହୈ, ନିଜ**
**ସଂକଳ୍ପ ଅଧାର ॥୨୫॥**

ଭାଷ୍ୟ - ଯୋଗୀ ଯାହା ପ୍ରତି ଭଲ ଅବା ମନ୍ଦ ଭାବ ରଖିଥାନ୍ତି, ତାକୁ ନିଜ ସଂକଳ୍ପ ଆଧାରରେ ଭଲ ଅଥବା ମନ୍ଦ ଫଳ ପ୍ରାପ୍ତି ହୋଇଥାଏ ।

**ଭଲା ବୁରା କିସ ଭାୱ ସେ, ସନ୍ତ**




**ଦୃଷ୍ଟି କର ପାତ ।**
**ଇଷ୍ଟ ଅନିଷ୍ଟ ଫଲ ହୋତ ହୈ, ଆତ୍ମ**
**ରଶ୍ମୟ ପର ଜାତ ॥୨୬॥**

ଭାଷ୍ୟ - ସନ୍ଥ ଭଲ ଅଥବା ମନ୍ଦ ଯେଉଁ ଭାବରେ ଯେଉଁଠିରେ ନିଜର ଦୃଷ୍ଟି ନିକ୍ଷେପ କରନ୍ତି, ସେହି ଅନୁସାରେ ଭଲ ଅବା ମନ୍ଦର ପରିଣାମ ସେହି ଆତ୍ମା ଉପରେ ପଡ଼ିଥାଏ ।

**ୱାଣୀ ସନ୍ତ ଅମୋଘ ହୈ, ଶାପ**
**ହୋୟ ୱରଦାନ ।**
**ତୀନ ୱର୍ଷ ତକ ଅୱଧି ହୈ, ପୂରା**
**ୱଚନ ପ୍ରମାନ ॥୨୭॥**

ଭାଷ୍ୟ - ଅଭିଶାପ ହେଉ ଅବା ବରଦାନ ସନ୍ଥଜନଙ୍କର ବାଣୀ କଦାପି ଅନ୍ୟଥା ହୁଏ ନାହିଁ । ବାଣୀ ପୂର୍ଣ୍ଣ ହେବାର ଅବଧିର ପ୍ରମାଣ ତିନି ବର୍ଷ ପର୍ଯ୍ୟନ୍ତ ରହିଥାଏ ।

**ଶୁଭ ଭାୱନା ସନ୍ତ କୀ, ଜଗ**
**ହିତକାରୀ ହୋୟ ।**
**ସଦ୍‌ଗୁରୁ ପ୍ରେମ ପ୍ରସନ୍ନତା, ଶିଷ୍ୟ**
**ହିତ ମଙ୍ଗଲ ସୋୟ ॥୨୮॥**

ଭାଷ୍ୟ - ସନ୍ଥଜନଙ୍କର ଶୁଭ ଭାବନା ସଂସାର ନିମନ୍ତେ କଲ୍ୟାଣକାରୀ ହୋଇଥାଏ ଏବଂ ସଦ୍‌ଗୁରୁଦେବଙ୍କର ପ୍ରସନ୍ନତା ଏବଂ ତାଙ୍କର ପ୍ରେମ ଶିଷ୍ୟ ନିମନ୍ତେ ହିତକାରୀ ତଥା ଆନନ୍ଦଦାୟୀ ହୋଇଥାଏ ।

**ସଦ୍‌ଗୁରୁ ଅଜ୍ଞା ଭଙ୍ଗ ମେଁ, ସଦ୍‌ଗୁରୁ**
**ଘାତକ ହୋୟ ।**
**ଆତମ ଘାତକ ନୀଚ ୱୈ, ୟୋନି**
**ୱିୱିଧ ଭ୍ରମ ସୋୟ ॥୨୯॥**

ଭାଷ୍ୟ - ସଦ୍‌ଗୁରୁ ଆଜ୍ଞାକୁ ଅବଜ୍ଞା କରୁଥିବା ବ୍ୟକ୍ତି ସଦ୍‌ଗୁରୁଙ୍କର ଘାତକ ଅଟେ ଆଉ ସଦ୍‌ଗୁରୁଙ୍କ ପ୍ରତି ଘାତ କରୁଥିବା ବ୍ୟକ୍ତି ନିଜ ଆତ୍ମାର ଘାତକ ହୋଇଥାଏ । ସେଥିପାଇଁ ସେ ନାନା ପ୍ରକାର ଯୋନିରେ ଭ୍ରମଣ କରି ଅତ୍ୟନ୍ତ କଷ୍ଟ ଲଭିଥାଏ । ଆତ୍ମ ଘାତକ, ମନୁଷ୍ୟ ଠାରୁ ଇତର ଯୋନିରେ ପଡ଼ି ବିକଟ ଅନ୍ଧକାରକୁ ପ୍ରାପ୍ତ ହୋଇଥାଏ । ସଦ୍‌ଗୁରୁ ଦ୍ରୋହୀଙ୍କ ନିମନ୍ତେ ଚୌରାଶୀ ଦ୍ୱାର ଖୋଲା ରହିଥାଏ । ସେମାନେ ଅଧୋଗତିକୁ ପ୍ରାପ୍ତ କରି ବିବିଧ ଯୋନିମାନଙ୍କରେ ଭ୍ରମଣ କରିଥାନ୍ତି ।

**ସଦ୍‌ଗୁରୁ ସଦ୍‌ଗୁରୁ ପ୍ରଥମ ହୈ,**
**ଅନୁଭୱ ଶବ୍ଦ ସ୍ୱରୂପ ।**
**ସାହେବ ସଦ୍‌ଗୁରୁ ଏକ ହୈଁ, ପୂରଣ**
**ଜ୍ଞାନ ଅନୂପ ॥୩୦॥**

ଭାଷ୍ୟ - ସଦ୍‌ଗୁରୁ ଦ୍ୱାରା ବିହଙ୍ଗମ ଯୋଗ ସାଧନାର ଅନୁଭବରେ ଶବ୍ଦ ସ୍ୱରୂପର ପ୍ରାପ୍ତି ହୋଇଥାଏ । ସେହି ପ୍ରଥମ ସ୍ୱରୂପ ସଦ୍‌ଗୁରୁଙ୍କର ଅଟେ । ଶବ୍ଦ ସ୍ୱରୂପ ସାହେବ ଆଉ ସଦ୍‌ଗୁରୁ ଏକ ଅଟନ୍ତି, ଏହା ନିରାଟ ପୂର୍ଣ୍ଣ ସତ୍ୟଜ୍ଞାନ ଅଟେ । ସାହେବ ଆଉ ସଦ୍‌ଗୁରୁ ମଧ୍ୟରେ କୌଣସି ଭେଦ ନାହିଁ । ଏହା ସଦ୍‌ଗୁରୁଙ୍କର ଉତ୍କୃଷ୍ଟ ଉପାସନା ପୂର୍ଣ୍ଣପ୍ରେମ ଆଉ ଭକ୍ତିର ସ୍ୱରୂପ ଅଟେ । ଅଧିକାରୀ ଆତ୍ମସମର୍ପିତ ଭକ୍ତ ଏହି ରହସ୍ୟ ଭେଦର ତତ୍ତ୍ୱଜ୍ଞାନରୁ ହିଁ ପରମାନନ୍ଦ ପରମ ପୁରୁଷଙ୍କୁ ପ୍ରାପ୍ତ କରିଥାନ୍ତି ।

**ଜୋ କୁଛ ଥେ ତୁମ ଆଜ ଲଗ, ସଭୀ**
**ମିଟାଓ ଭାର ।**
**ପକ୍କେ ଶିଷ୍ୟ ତବହୀ ବନୋ, ଦୀନ**
**ଅଧୀନ ଅଧାର ॥୩୧॥**

ଭାଷ୍ୟ - ସମସ୍ତ ମାନ, ଅଭିମାନ, ତର୍କ ବିତର୍କ ଏବଂ ସଂଶୟ ଆଦିକୁ ପରିତ୍ୟାଗ କରି ସଦ୍‌ଗୁରୁଙ୍କର ଶରଣାଗତ ହେବା ଉଚିତ । ଏଯାବତ୍ ମନ ମଧ୍ୟରେ ଯେତେକି ଆଶା ଏବଂ ବାସନା ରହିଛି ଅଥବା ଯାହାକିଛି ନିଜ ମମତ୍ୱ ଭାବ ହେତୁ ସଂସାର ସହିତ ସମ୍ବନ୍ଧ ରହିଛି, ସେ ସବୁକୁ ପରିତ୍ୟାଗ କରି ଆଧ୍ୟାତ୍ମ ପଥରେ ଅଗ୍ରସର ହେବା ଉଚିତ ଏବଂ ଶୁଦ୍ଧ ପୂତ ହୋଇ ସଦ୍‌ଗୁରୁଙ୍କର ଆଜ୍ଞାନୁକୂଳ ରହି ଏକମାତ୍ର ଆଧାର, ଅନନ୍ୟ ଶରଣ ଭକ୍ତି ଦ୍ୱାରା ଜୀବନକୁ ଆଗେଇ ନେବା ଉଚିତ । ତେବେ ଶିଷ୍ୟର ପୂର୍ଣ୍ଣ ପଦ ପ୍ରାପ୍ତ ହୋଇଥାଏ । ସଦ୍‌ଗୁରୁଙ୍କର ଅନନ୍ୟ ଶରଣ ଭକ୍ତି ଦ୍ୱାରା ହିଁ ନିଜର ଅଭିଷ୍ଟ ଲକ୍ଷ୍ୟ, ପରମାନନ୍ଦଙ୍କ ପ୍ରାପ୍ତି ହୋଇଥାଏ ।

**ପ୍ରକୃତି ପାର ଆତମ ଚଢ଼େ,**
**ଚେତନ ଦିବ୍ୟ ଅକାଶ ।**
**ସାର ଶବ୍ଦ ପ୍ରତିଭା ବରେ, ମଣି ଇୱ**
**ୱିମଲ ପ୍ରକାଶ ॥ ୩୨॥**

ଭାଷ୍ୟ - ଯେତେବେଳେ ଆତ୍ମା ସହଜ ଯୋଗାଭ୍ୟାସ ଦ୍ୱାରା ସହଜ ଶୂନ୍ୟ ଅକ୍ଷରକୁ ଅତିକ୍ରମ କରି ଉର୍ଦ୍ଧ୍ୱ ଚେତନ ଦିବ୍ୟ ପ୍ରକାଶକୁ ଆରୋହଣ କରେ, ସେତେବେଳେ ମଣିର ବିମଳ ପ୍ରକାଶ ସମାନ ସାରଶବ୍ଦଙ୍କର ଦିବ୍ୟ ପ୍ରକାଶ ପ୍ରଦୀପ୍ତ ଜ୍ୟୋତିକୁ ପ୍ରାପ୍ତ କରିଥାଏ ।

**ମଣୀ ଶଙ୍ଖ ହୀରା କହେଁ, ସାର ଶବ୍ଦ**
**କୋ ଜାନ ।**
**ଆତ୍ମହିଁ ହୀରା କହତ ହୈଁ, ରଷିୱର**
**ଜ୍ଞାନ ୱିଜ୍ଞାନ ॥୩୩॥**

ଭାଷ୍ୟ - ସାରଶବ୍ଦଙ୍କୁ ମଣି, ଶଙ୍ଖ ଏବଂ ହୀରା ବୋଲି କୁହାଯାଏ । ବ୍ରହ୍ମବିଦ୍ୟାର ମହର୍ଷିମାନେ ନିଜର ତତ୍ତ୍ୱ ବିବେଚନାରେ ଆତ୍ମାକୁ ହୀରା ବୋଲି ଅଭିହିତ କରିଛନ୍ତି । ସଂସାରରେ ଅବ୍ୟକ୍ତ ସତ୍ତାଙ୍କର ବୋଧ ଏବଂ ବିଶ୍ୱାସ ନିମନ୍ତେ ସାଂସାରିକ ପଦାର୍ଥଗୁଡ଼ିକର ଉପମା ଦିଆଯାଇଥାଏ । ବାସ୍ତବରେ ସେହି ପରଂବ୍ରହ୍ମ ମନ, ବୁଦ୍ଧି, ଇନ୍ଦ୍ରିୟାତୀତ, ଅନୁମପ ଏବଂ ଅବ୍ୟକ୍ତ ଅଟନ୍ତି ।

# ଘି କୁଆଁରୀର ଔଷଧୀୟ ଗୁଣ

ତ୍ୱଚା ଓ କେଶ ପାଇଁ ଉତ୍ତମ ଘି କୁଆଁରୀ ସ୍ୱାସ୍ଥ୍ୟ ଉପରେ ମଧ ଭଲ ପ୍ରଭାବ ପକାଉଥିବାର ବିଶେଷଜ୍ଞ ମାନେ ମତ ଦିଅନ୍ତି ।

ସପ୍ତାହକୁ ଥରୁଟିଏ ଘି କୁଆଁରୀ ରସ କେଶମୂଳରେ ଲଗାଇଲେ ଘନତ୍ୱ ବଢ଼ିବା ସହ କଳା ହୋଇଥାଏ ।

୧ କପ୍ ମେହେନ୍ଦୀ ପାଉଡରରେ ୩ ଚାମଚ ଘି କୁଆଁରୀ ରସ ମିଶ୍ରଣ କରି କେଶରେ ଲଗାନ୍ତୁ ୱାସକୁ ଥରୁଟିଏ ଏହି ପ୍ୟାକ୍ କେଶରେ ଲଗାଇବା କେଶ ପାଇଁ ଭଲ ।

ନିୟମିତ ଭାବେ ତ୍ୱଚାରେ ଘି କୁଆଁରୀ ରସ ଲଗାଇଲେ ତ୍ୱଚାରେ ବିଶେଷ ଚମକ ଆସିଥାଏ । ବ୍ରଣ ଦାଗ ମଧ ଦୂର ହୁଏ ।

କୋଷ୍ଠକାଠିନ୍ୟ ରୋଗୀ ପ୍ରତିଦିନ ସକାଳ ସନ୍ଧ୍ୟାରେ ଅଧ କପ୍ ଘି କୁଆଁରୀ ରସରେ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ସେମାନଙ୍କ ଅସୁବିଧା ଦୂର ହୋଇଥାଏ ।



ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ପ୍ରତ୍ୟହ ଏହି ରସ ପିଇଲେ ସେମାନଙ୍କ ପେଟର ଚର୍ବି କମ୍ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଏହା ସହ ଘି କୁଆଁରୀ ରସ ସେବନ କରୁଥିବା ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ ଭଲ ରହିଥାଏ ।

## ଟିକିଏ ହସନ୍ତୁ

ବାପା ପୁଅକୁ : ଦେଖ ପୁଅ ଏ ଜୁଆ ନିଶା ଛାଡି ଦେ । ଏ ଏମିତିକା ନିଶା ଯାହା ତତେ ବରବାଦ୍ କରିଦେବ । ଆଜି ଜିତିଲେ କାଲି ହାରିଯିବୁ । ଯଦି କାଲି ଜିତିବୁ ପରଦିନ ହାରିବୁ ।
ପୁଅ : ବାପା ବୁଝିଗଲି ।
ବାପା : କ'ଣ ବୁଝିଲୁ ?
ପୁଅ : ମୁଁ ଜୁଆ ସବୁଦିନ ନ ଖେଳି, ଗୋଟିଏ ଦିନ ଛାଡି ତା' ପରଦିନ ଖେଳିବି ।

× × × ×

ଶିକ୍ଷକ ପପୁକୁ : ମଙ୍କିକୁ ହିନ୍ଦୀରେ କ'ଣ କହନ୍ତି ?
ପପୁ : ସାର୍ ବନ୍ଦର୍ ।
ଶିକ୍ଷକ : ତୁ ବହି ଦେଖିକି କହିଲୁ ନା । ରହ ତତେ ଦି'ଟା ଦଉଛି ।
ପପୁ : ନାଇଁ ସାର୍ ମୁଁ ବହି ଦେଖିକି କହିନି । ମୁଁ ତ ଆପଣଙ୍କୁ ଦେଖିକି କହିଲି ।

× × × ×



ଯୁବକ ଗର୍ଲଫ୍ରେଣ୍ଡକୁ : ମୁଁ ଏବେ ଫୋନ୍ ରଖୁଛି । ଡ୍ରାଇଭ୍ କରୁଛି ତ ପଛରେ କଥା ହେବି ।
ଗର୍ଲଫ୍ରେଣ୍ଡ : ଫୋନରେ କଥା ହେଇ କ'ଣ ଡ୍ରାଇଭ କରି ହେବନି ?
ଯୁବକ : ଗୋଟିଏ ହାତରେ କ'ଣ ରିକ୍ସା ଟର୍ନ କରିହେବ ।

× × ×

ସ୍ୱାମୀ : ମତେ ମୋ ସ୍ତ୍ରୀଠାରୁ ଛାଡ଼ପତ୍ର ଦରକାର । ସେ ବାସନ ଫୋପାଡି ମତେ ମାରୁଛି ।
ଓକିଲ : ପ୍ରଥମରୁ ମାରୁଥିଲେ ନା ଏବେ ମାରୁଛନ୍ତି ।
ସ୍ୱାମୀ : ପ୍ରଥମରୁ ।
ଓକିଲ : ତା'ହେଲେ ଏବେ କାହିଁକି ଛାଡ଼ପତ୍ର ମାଗୁଛ ?
ସ୍ୱାମୀ : ତା'ର ଲକ୍ଷ୍ୟ ଏବେ ପକ୍କା ହୋଇଗଲାଣି ।

× × × ×

ଅନିତା : ଜାଣିଛୁ ଆଜି ମୁଁ ମୋ ସ୍ୱାମୀଙ୍କୁ ଆଇ ଲଭ୍ ୟୁ କହିଲି ।
ସୁନିତା : ସେଇଠୁ କ'ଣ ହେଲା ?
ଅନିତା : ସେତିକିବେଳୁ ସେ ତାଙ୍କର ଏଟିଏମ୍ ଆଉ ଚେକବୁକ୍ ଲୁଚେଇ ବସିଛନ୍ତି ।

× × × ×

ସ୍ତ୍ରୀ : ଶୁଣୁଛ ଆଜି ଖବରକାଗଜରେ ବାହାରିଛି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ବିକି ଦେଲେ ।
ସ୍ୱାମୀ : କାହିଁକି ?
ସ୍ତ୍ରୀ : ଗୋଟିଏ ସାଇକେଲ ଆଣିବା ପାଇଁ । ତମେ ସେମିତି କରିବନି ତ ?
ସ୍ୱାମୀ : ମୁଁ କ'ଣ ଏତେ ମୁର୍ଖ ତମକୁ ବିକି ସାଇକେଲ୍ ଆଣିବି । ତମ ବଦଳରେ କାର୍ ଆଣିବି ।

## ଜହ୍ନିର ଉପକାରିତା

**ଅ**ସରପା ଗୋଟେ ଚଢ଼େଇ, ଜହ୍ନି ଗୋଟେ ପରିବା । ଅନେକ ସମୟରେ ଜହ୍ନିକୁ ନେଇ ଏମିତି ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳେ । ତେବେ ବି 'ଜହ୍ନି ଫୁଲ ଠୋ ଠା, କାକୁଡି ଫୁଲ ଠୋ ଠା' ପରି ଶିଶୁଗୀତ ଜହ୍ନି ଯେ ଆମ ହାତପାଆନ୍ତାରେ ମିଳୁଥିବା ଏକ ପରିବା ଏହା ମନେ ପକାଇ ଦିଏ । ଘରବାଡିରେ କାକୁଡି, ଜହ୍ନି, କଲରା ମନ୍ଦାଏ ମନ୍ଦାଏ ଲଗାଇ ଦେବାର ଅଭ୍ୟାସ ଏବେ ବି ଗୃହିଣୀ ମାନଙ୍କର ରହିଛି । ହୁଏତ ଏହାର ଔଷଧୀୟ ଗୁଣ ସମ୍ପର୍କରେ ଅନେକ ଆଦୌ ସଚେତନ ନ ଥିବେ ମାତ୍ର ହାଣ୍ଡିଶାଳରେ ଏହାର ଆଦର କ'ଣ କମ୍ କି ? ଭାରତ, ପାକିସ୍ଥାନ, ଇଣ୍ଡୋନେସିଆ, ଚାଇନା ଏବଂ ଫିଲିପାଇନ୍ସରେ ଏହା ପ୍ରଚୁର ମାତ୍ରାରେ ଚାଷ ହୋଇଥାଏ ।

ଆପଣ ନିଜର ଓଜନ କମାଇବାକୁ ଚାହୁଁଥିଲେ ଖାଦ୍ୟରେ ଜହ୍ନିକୁ ନିଶ୍ଚିତ ସାମିଲ୍ କରନ୍ତୁ । ଜହ୍ନି ଖାଇବା ଦ୍ୱାରା ଚର୍ବି ତଥା କୋଲେଷ୍ଟରଲର ବିପଦ ଟଳିଯାଏ ।

ଜହ୍ନି ସହଜରେ ହଜମ ହୋଇଥାଏ । ତେଣୁ ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ ସେମାନଙ୍କୁ ଜହ୍ନି ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଜହ୍ନି ଖାଇବା ଦ୍ୱାରା ଯକୃତରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଯକୃତକୁ ସୁସ୍ଥ ରଖେ । ଅର୍ଶ ରୋଗର ଆରୋଗ୍ୟ ମଧ କରେ ।

ଏଥିରେ ତନ୍ତୁ ଏବଂ ଜଳର ମାତ୍ରା ଅଧିକ ଥିବାରୁ କୋଷ୍ଠକାଠିନ୍ୟ ତଥା ତଦ୍‌ଜନିତ ସମସ୍ୟା ଆଦିରୁ ମୁକ୍ତି ପାଇବା ପାଇଁ ଜହ୍ନି ଖାଇବା ଦରକାର । କେବଳ ସେତିକି ନୁହେଁ ଏହା ବିଭିନ୍ନ ଉଦର ରୋଗ ଏବଂ ସଂକ୍ରମଣକୁ ମଧ



ଦୂର କରିଥାଏ ।

ଜିଙ୍କ୍, ଆଇରନ୍, ରିବୋଫ୍ଲାବିନ୍, ମ୍ୟାଗ୍ନେସିୟମ୍, ଥିୟାମିନ୍ ପରି ଶରୀର ପାଇଁ ଆବଶ୍ୟକ ତତ୍ତ୍ୱ ଏଥିରୁ ମିଳିଥାଏ । ଏଥିରେ ଥିବା ବିଟା କ୍ୟାରୋଟିନ୍ ଆଖି ପାଇଁ ବେଶ୍ ଉପକାରୀ । ଏହା ଦୃଷ୍ଟିଶକ୍ତି ବଢ଼ାଇବା ସହ ଆଖିକୁ ସୁସ୍ଥ ରଖେ ।

ଜହ୍ନି ରକ୍ତଶୋଧକ ଭାବେ କାର୍ଯ୍ୟ କରେ । ରକ୍ତ ଅପରିଷ୍କାର କାରଣରୁ ମୁହଁରେ ଦେଖାଯାଉଥିବା ବ୍ରଣ ଆଦି ଦୂର କରେ ।

ଜହ୍ନିର ଜୁସ୍ ପିଇବା ଦ୍ୱାରା ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇ ଥାଏ । ଏହାଦ୍ୱାରା ବିଭିନ୍ନ ରୋଗଠାରୁ ନିଜକୁ ଦୂରେଇ ରଖାଯାଇ ପାରେ । ଏସିଡିଟି ଏବଂ ଅଲସର ପରି ସମସ୍ୟାଠାରୁ ମଧ ଏହା ଦୁରେଇ ରଖେ ।

କାମଳ ରୋଗୀମାନେ ଏହାର ଜୁସ୍ ପିଇବା ଦ୍ୱାରା ଏବଂ ଜହ୍ନି ଖାଇବା ଦ୍ୱାରା ଆରୋଗ୍ୟ ଲାଭ କରିଥାନ୍ତି । ମଦ୍ୟପାନ କାରଣରୁ ଯକୃତରେ ସମସ୍ୟା ଦେଖା ଦେଇଥିଲେ ଜହ୍ନି ଖାଇବାଦ୍ୱାରା ଯକୃତ ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରି ଆସେ ।

ଜହ୍ନି ଖାଇବା ଦ୍ୱାରା ମୁତ୍ର ଏବଂ ରକ୍ତରୁ ଶର୍କରାର ସ୍ତର ହ୍ରାସ ଘଟିଥାଏ । ରକ୍ତରେ ଇନ୍‌ସୁଲିନ୍ ସ୍ତରକୁ ମଧ ନିୟନ୍ତ୍ରିତ ରଖିଥାଏ । ତେଣୁ ମଧୁମେହ ରୋଗୀମାନେ ଜହ୍ନି ଖାଇବା ଦରକାର ।

ଏହା ଥଣ୍ଡା ରୋଗକୁ ଦୂର କରେ । ପରିଶ୍ରାପୋଡ଼ା ଯନ୍ତ୍ରଣାର ଏହା ଉପଶମ କରେ ।

ଶରୀରରୁ ଜଳଶୁଷ୍କତାକୁ ଦୂର କରେ ।

ମୃତ ଚର୍ମକୋଷକୁ ହଟାଇ ଚର୍ମରେ ଚମକ ଆଣେ । କେଶ ଝଡିବା ଏବଂ ଦାନ୍ତକୁ ସୁସ୍ଥ ରଖିବାରେ ଜହ୍ନି ସାହାଯ୍ୟ କରେ । ଟାଇପ୍-୨ ମଧୁମେହ ରୋଗୀ ଏହି ପରିବାଟି ନିହାତି ଖାଇବା ଦରକାର ।

## କର୍କଟରୁ ରକ୍ଷା କରିବ କଦଳୀ ପତ୍ର

**କି**ଛି ବର୍ଷ ତଳେ ଅଧିକାଂଶ ଭାରତୀୟଙ୍କ ବାଡ଼ିବଗିଚାରେ କଦଳୀ ଗଛ ପ୍ରାୟତଃ ଦେଖା ଯାଉଥିଲା । ଦିନକୁ ଦିନ କିନ୍ତୁ ଲୋକଙ୍କ ମାନସିକତାରେ ଏକ ବିରାଟ ପରିବର୍ତ୍ତନ ହେଉଥିବାର ଲକ୍ଷ୍ୟ କରାଯାଇଛି । ଆଜିର ସମୟରେ ଲୋକେ ବିଭିନ୍ନ ପ୍ରଜାତିର ଫୁଲଗଛ ଲଗାଇବାରୁ ବରଂ ଅଧିକ ପସନ୍ଦ କରୁଛନ୍ତି । ବାଡ଼ି ବଗିଚାରେ ଔଷଧୀୟ ଗଛ ଓ କଦଳୀ, ପିଜୁଳି, ଆମ୍ବ ଲଗାଇବାର ପରମ୍ପରା ଯେପରି ବନ୍ଦ ହୋଇଗଲାଣି କହିଲେ ଚଳେ । ଏସବୁ ଗଛର ଆବଶ୍ୟକତା କିନ୍ତୁ ଯଥେଷ୍ଟ ଅଧିକ ରହିଛି । ନିକଟରେ ବାରଣାସୀ ବିଶ୍ୱବିଦ୍ୟାଳୟର ଗବେଷକଗଣ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ କଦଳୀ ଓ ଏହାର ପତ୍ର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । କଦଳୀ ପତ୍ରରେ କର୍କଟ ପ୍ରତିରୋଧୀ ତତ୍ତ୍ୱମାନ ରହିଛି । ଏଣୁ କଦଳୀ ପତ୍ରରେ ଖାଇଲେ କିମ୍ବା କଦଳୀ ପତ୍ର ବ୍ୟବହାର କରି ବ୍ୟଞ୍ଜନମାନ ଖାଇବା ସ୍ୱାସ୍ଥ୍ୟ ପାଇଁ ମହୌଷଧି ଅଟେ । ଭାରତର କେବଳ ଦକ୍ଷିଣ ପ୍ରାନ୍ତରେ ହିଁ କଦଳୀପତ୍ରରେ ଭୋଜନ ପରମ୍ପରା ବର୍ତ୍ତମାନ ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଗବେଷଣାରୁ ପ୍ରକାଶ ଯେ, ପ୍ରତି ୧୦୦



ଜଣରେ ୨ଜଣ ଦକ୍ଷିଣ ଭାରତୀୟ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଅନ୍ୟପକ୍ଷରେ ଉତ୍ତର ଭାରତରେ ପ୍ରତି ୭୫ ଜଣରେ ୨୨ ଜଣ କର୍କଟ ରୋଗୀ । ଏଣୁ କଦଳୀ ପତ୍ରର ଔଷଧୀୟ ଗୁଣ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି । କଞ୍ଚା କଦଳୀ ମଧ ଶରୀରକୁ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଯୋଗାଇଥାଏ । ଗ୍ରାମାଞ୍ଚଳ ଲୋକଙ୍କ ସୁସ୍ଥତାର ପ୍ରମୁଖ ରହସ୍ୟ ହେଲା ସେମାନେ ନିୟମିତ ଭାବେ କଞ୍ଚା କଦଳୀ ପ୍ରସ୍ତୁତ ବ୍ୟଞ୍ଜନ ଖାଇଥାନ୍ତି । ସହରରେ ଆଜିକାଲି ରାସାୟନିକ ସାର ବ୍ୟବହୃତ ପନିପରିବା ମିଳୁଛି । ଏଣୁ ଏସବୁ ଖାଇଲେ ମଧ ଶରୀର ଉପରେ କୌଣସି ଉତ୍ତମ ପ୍ରଭାବ ପଡୁନାହିଁ ବରଂ ଏହା ରୋଗ ସୃଷ୍ଟିର କାରଣ ହେଉଛି । ନିୟମିତ ଭାବେ କଦଳୀ ପତ୍ରରେ ଭୋଜନ କଲେ କିମ୍ବା କଦଳୀ ପତ୍ରପୋଡ଼ା କୌଣସି ଖାଦ୍ୟ ଖାଇଲେ କର୍କଟ ହେବାର ଆଶଙ୍କା ୪୦ ପ୍ରତିଶତ ହ୍ରାସ ପାଇଥାଏ ।

## ଆପଣ ଜାଣନ୍ତି କି ?

- ସମୁଦ୍ରର ଗଭୀରତା ମାପିବା ପାଇଁ ପାଥୋମିଟର ନାମକ ଯନ୍ତ୍ର ବ୍ୟବହାର କରାଯାଏ ।
- ଭାରତର ପ୍ରଥମ ମୁସଲମାନ ରାଷ୍ଟ୍ରପତି ଥିଲେ ଡକ୍ଟର ଜାକିର ହୁସେନ୍ ।
- ଜଳକୁ ବିଶୁଦ୍ଧ କରିବା ପାଇଁ ଫିଟିକିରିର ବ୍ୟବହାର କରାଯାଏ ।
- ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ହେଉଛନ୍ତି ସଚିକାନ୍ତ ଦାସ ।
- କାରାକାସ୍ ହେଉଛି ଭେନେଜୁଏଲା ଦେଶର ରାଜଧାନୀ ।
- ଭେନେଜୁଏଲା ମୁଦ୍ରାର ନାମ ହେଉଛି ଭେନେଜୁଏଲାନ୍ ବୋଲିଭାର ।
- ଭାଟ୍ ପ୍ରଥମ କରି ଫ୍ରାନ୍ସରେ ଲାଗୁ କରାଯାଇଥିଲା ।
- ବ୍ଲଡ ପ୍ରେସର ବା ରକ୍ତଚାପ ମାପିବା ପାଇଁ ସ୍ଫାଇଗୋମୋମାନୋମିଟର ବ୍ୟବହାର କରାଯାଏ ।
- ସାରା ଭାରତରେ ସମୁଦ୍ର ଉପକୂଳବର୍ତ୍ତି ରାଜ୍ୟ ସଂଖ୍ୟା ୯ ।
- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ ସଂଖ୍ୟାକମାନବ ସମ୍ବଳ ହରାଇଥିବା ଦେଶ ହେଉଛି ଜାପାନ ।
- ଲଣ୍ଡନରେ ଥିବା ବ୍ରିଟିଶ୍ ମ୍ୟୁଜିୟମ୍ ହେଉଛି ପୃଥିବୀର ସବୁଠାରୁ ବଡ଼ ମ୍ୟୁଜିୟମ୍ ।
- ଭାରତରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଏଟିଏମ୍ ରହିଛି ।
- ଗୋଟିଏ ଏଟିଏମରୁ ୩ ଟି କ୍ୟାସେଟ୍ (ଟଙ୍କା ଥାଳି) ଥାଏ ।
- ଏଥିରେ ୧୦୦, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଭରାଯାଏ ।
- ପ୍ରତିଟି ଥଳି ୨୨ ବିଡ଼ା ନୋଟ ଧରି ରଖେ ।

## କହିପାରିବେ କି ?

(୧) ପୃଥିବୀ ଗ୍ରହର ନିକଟତମ ନକ୍ଷତ୍ର କିଏ ?

(୨) ବେଙ୍ଗ କେଉଁ ରକ୍ତର ପ୍ରାଣୀ ?

(୩) କେଉଁ ଜୀବ ପ୍ରତି ପ୍ରବଳ ଭୟର ଲକ୍ଷଣକୁ 'ଆରାକ୍‌ନୋଫୋବିୟା' ବୋଲି କୁହାଯାଏ ?

(୪) ଶୁଦ୍ଧ ଜଳର ପିଏଚ୍ ସ୍ତର କେତେ ?

(୫) ବ୍ରୋମିନ୍‌ର ରୂପ କ'ଣ ?

(୬) ଷ୍ଟୋରେଜ୍ ବ୍ୟାଟେରୀରେ କେଉଁ ଧାତୁ ବ୍ୟବହାର କରାଯାଏ ?

(୭) କେଉଁ ତାପମାତ୍ରାରେ ପାଣିର ସାନ୍ଦ୍ରତା ସର୍ବାଧିକ ?

(୮) ଇମେରାଲ୍‌ଡ ରତ୍ନ ବା ପାନ୍ନାର ରଙ୍ଗ କିପରି ?

(୯) କ'ଣ ବ୍ୟବହାର କଲେ ଧାତୁର ସଲ୍‌ଫେଟ ଯୋଗୁଁ ଜଳର ସ୍ଥାୟୀ କଠିନତା ନଷ୍ଟ ହୋଇପାରେ ?

(୧୦) କାଜିରଙ୍ଗା ଜାତୀୟ ଉଦ୍ୟାନ କେଉଁ ରାଜ୍ୟରେ ଅବସ୍ଥିତ ?

### JUMBLE WORDS

| | | | |
|---|---|---|---|
| 1) GTIFH | = | 6) XIYTS | = |
| 2) CNHIF | = | 7) LHNIEA | = |
| 3) RYCLEE | = | 8) MSUREM | = |
| 4) SRAOBB | = | 9) KANTE | = |
| 5) SHIKW | = | 10) NSUYN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.କମଲଜିତ୍ ସାନ୍ଧୁ, ୨.ସୁନୀତା ରାଣୀ, ୩.କବାଡି, ୪.ସରଦାର ସିଂ, ୫.ବ୍ୟାଙ୍କକ୍ (୪ଥର), ୬.୧୯୫୧ ମସିହା, ୭.ଜାକର୍ତ୍ତା, ୮.୩ ଥର, ୯.୪୫ ଟି ଦେଶ, ୧୦. ଏଭରେଷ୍ଟ ।

***Jumble Words*** ର ଉତ୍ତର **:-**

(1) WAGER (2) FETCH (3) DILUTE (4) CANCAN (5) DRAWN (6) VERGE (7) EMERGE (8) POETIC (9) DIRTY (10) MESSY.

ସ୍ୱୀକାର



## ଆଦର୍ଶ ବିଦ୍ୟାଳୟ ପାଇଁ ନିଶୁଳ୍କ ବସ୍‌ସେବା

ଝାରସୁଗୁଡ଼ା : ଲଖନପୁର ଓ ଝାରସୁଗୁଡ଼ା ବ୍ଲକର ଆଦର୍ଶ ବିଦ୍ୟାଳୟ ସକାଶେ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୪ଟି ସ୍କୁଲ୍ ବସ୍‌ର ନିଶୁଳ୍କ ସେବା ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହି ସ୍କୁଲ୍ ବସ୍‌କୁ ଲୋକାର୍ପଣ କରିଛନ୍ତି । ବରଗଡ଼ ଲୋକସଭା ସାଂସଦ ସୁରେଶ ପୂଜାରୀ, ବ୍ରଜରାଜନଗରର ବିଧାୟିକା ଅଲକା ମହାନ୍ତି, ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ଜିଲ୍ଲାପାଳ ସରୋଜ ସାମଲ, ଏସ୍‌ପି ରାହୁଲ ଜୈନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝୀ ଓ ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଳ୍ପପତିମାନେ ସଚେତନ ହେବାକୁ ମନ୍ତ୍ରୀଙ୍କ ଆହ୍ୱାନ

ଝାରସୁଗୁଡା: ରାଜ୍ୟରେ ଶିଳ୍ପର ବିକାଶ ପାଇଁ ପ୍ରଚୁର ସମ୍ଭାବନା ରହିଛି । ରାଜ୍ୟର ଅର୍ଥନୀତିକୁ ଆଗେଇ ନେବାକୁ ହେଲେ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେବା ଏକାନ୍ତ ଆବଶ୍ୟକ । ଶିଳ୍ପପତିମାନେ ଏଥିପାଇଁ ସଚେତନ ହେବା ସହ ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି । ଜନସାଧାରଣଙ୍କ ମାନସିକତାରେ ମଧ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଶିଳ୍ପ, ଏମଏସଏମଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଉଲ୍ଲେଖ କରିବା ସହ ସକାରାତ୍ମକ ଆଲୋଚନା ଲାଗି ଆହ୍ୱାନ ଦେଇଛନ୍ତି । ଶିଳ୍ପର ଅଭିବୃଦ୍ଧି ସକାଶେ ଆବଶ୍ୟକତା ଅନୁଯାୟୀ ନୀତିରେ ମଧ ପରିବର୍ତ୍ତନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଝାରସୁଗୁଡା ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନର ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା ସମୟରେ ସରକାରଙ୍କ ଶିଳ୍ପ ନୀତି ସମ୍ପର୍କରେ ଭଲ ଭାବରେ ଜାଣିବାକୁ ପରାମର୍ଶ ଦେଇ ଶିଳ୍ପ ପ୍ରତିଷ୍ଠା ଲାଗି ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ ।

ଝାରସୁଗୁଡ଼ାରେ ବିମାନ ବନ୍ଦର ପ୍ରତିଷ୍ଠା ପରେ ଜିଲ୍ଲାର ଗୁରୁତ୍ୱ ବୃଦ୍ଧି ପାଇଥିବା ସେ ଉଲ୍ଲେଖ କରିଥିଲେ । ବିଭିନ୍ନ ଜିଲ୍ଲାରେ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଆଲ ପ୍ରମୋସନ ଏଜେନ୍ସି (ଡିପା) ମାଧ୍ୟମରେ ଶିଳ୍ପୋଦ୍ୟୋଗ ସହିତ ଜଡିତ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନିଆଯାଉ ଥିବା କହିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟର ଶିଳ୍ପାୟନରେ ଶିଳ୍ପାନୁଷ୍ଠାନ ଗୁଡିକର ସହଯୋଗ ଉପରେ ଗୁରୁତ୍ୱାରୋପ କରିବା ସହ ମାନେ ବିଭିନ୍ନ ସକାରାତ୍ମକ ଚିନ୍ତାଧାରା ନେଇ କାର୍ଯ୍ୟ କଲେ ଉନ୍ନତି ସମ୍ଭବ ବୋଲି କହିଥିଲେ ।

ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିର ମୁଖ୍ୟ ନିର୍ବାହୀ ଅଧିକାରୀ ଗଜେନ୍ଦ୍ର କାଲେ ଉପସ୍ଥିତ ଥିଲେ । ଇପିକଲ ପରିଚାଳକ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସମେତ ସମ୍ବଲପୁର, ବରଗଡ଼, ଦେବଗଡ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ରାମ୍ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ



ସମ୍ବଲପୁର : ସ୍ଥାନୀୟ ଝାଡୁଆପଡା ସ୍ଥିତ ବିଶ୍ରାମ ବିଦ୍ୟା ମନ୍ଦିରର ତ୍ରୟୋଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯିବା ପରେ ବିଦ୍ୟା ମନ୍ଦିରର ସଭାପତି ପରମେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱାତ୍ମା ଚେତନା ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ମୁଖ୍ୟାଚାର୍ଯ୍ୟା ଶ୍ରୀମତୀ ସୁଜାତା ପତି ଓ ପରିଷଦର ସମ୍ବଲପୁର ଶାଖା ସମ୍ପାଦକ ନନ୍ଦକିଶୋର ମିଶ୍ର ବିଦ୍ୟା ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବାବେଳେ ଡାକ୍ତର ଯତୀନ୍ଦ୍ର ମୋହନ ପୂଜାରୀ, ଡାକ୍ତର ସୁରେନ୍ଦ୍ର ପଣ୍ଡା, ଡକ୍ଟର ଶ୍ରୀଲତା ମିଶ୍ର, ଦେବଯାନୀ ମିଶ୍ର, କଲ୍ୟାଣୀ ଗୁରୁ, ଅଚ୍ୟୁତାନନ୍ଦ ତ୍ରିପାଠୀ, ସରୋଜ କୁମାର ମହାପାତ୍ର, ମୀନା ନନ୍ଦ, ମୋହନ ସେଠ ପ୍ରମୁଖ ଏହାର ସର୍ବାଙ୍ଗୀନ ଉନ୍ନତି ସକାଶେ ବିଭିନ୍ନ ପରାମର୍ଶ ଦେଇଥିଲେ । ବିଦ୍ୟା ମନ୍ଦିରର ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ରୀନା ଓ୍ୱାଇଁ, କିରଣମୟୀ ପଣ୍ଡା, ସ୍ମୃତି ପ୍ରଧାନ, ଜାଗୃତି ମିଶ୍ର, ମିଶିଥା ବେରିହା ଓ ଦୀପ୍ତିମୟୀ ପାଣି ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ନିଷ୍ଠା ପରିବାରର ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ ପାଳନ

ବରଗଡ଼ : ସ୍ୱାଧୀନତାର ଅମୃତ ମହୋତ୍ସବ ତଥା ୭୬ତମ ସ୍ୱାଧୀନତା ଦିବସ ଜାତୀୟ ପତାକା ଉତ୍ତୋଳନ ସହିତ ନିଆରା ଢଙ୍ଗରେ ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନିଷ୍ଠା ପରିବାର ପାଳନ କରିଛି । ଏହି ଅବସରରେ ନିଷ୍ଠା ଭବନ ଠାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଫଟୋଚିତ୍ର, ପୁରୁଣା ମୁଦ୍ରା/ନୋଟ୍, ଦେଶ ମାତୃକା ର ସେବାରେ ବ୍ରତୀ ହୋଇ ସହିଦ ହୋଇଥିବା ବୀର ଯବାନ ଙ୍କ ବିଷୟରେ ପ୍ରକାଶିତ ଖବର କାଗଜ ର ଅଂଶ ବିଶେଷର ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଫିତା କାଟି ଏହି ପ୍ରଦର୍ଶନୀ ର ଶୁଭାରମ୍ଭ କରିଥିଲେ । ଡାଙ୍ଗ ନଦୀପଡାର ଗୋବର୍ଦ୍ଧନ ତ୍ରିପାଠୀ ୧୯୮୫ ମସିହା ଠାରୁ ଏହି ସବୁ ସଂଗ୍ରହ କରି ପ୍ରଥମ ଥର ପାଇଁ ତାଙ୍କ ସଂଗ୍ରହ ସମୂହ ପ୍ରଦର୍ଶିତ ହୋଇଥିଲା । ଏହି ସବୁ ସଂଗୃହିତ ସାମଗ୍ରୀ କୁ ସେ ନିଷ୍ଠା ପରିବାରକୁ ହସ୍ତାନ୍ତର କରିବା ପାଇଁ କହିଥିଲେ । ଏହା ସହିତ ମାରୱାଡି ସମ୍ମେଳନ, ବରଗଡ଼ ଶାଖା ଦ୍ୱାରା ନିଷ୍ଠା ଭବନ ଠାରେ ନିଷ୍ଠା ପରିବାର କୁ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଓ ସହିଦ ରଞ୍ଜନ ଦାଶଙ୍କ ପରିବାର କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ବରଗଡ଼ର ପୂର୍ବତନ ସାଂସଦ ଶ୍ରୀ ପ୍ରଭାସ ସିଂହ ଓ ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା ଯୋଗଦାନ କରିଥିଲେ । ଗୋଟିଏ ଦିନ ରେ ନିଷ୍ଠା ପରିବାର ଓ ଶହୀଦ ରଞ୍ଜନ ଦାଶ ସ୍ମୃତି କମିଟି ତରଫରୁ ତିନୋଟି କାର୍ଯ୍ୟକ୍ରମ ର ପରିଚାଳନା ତଥା ସଂଯୋଜନାରେ ନିଷ୍ଠା ର ଉପଦେଷ୍ଟା ଦୁର୍ବାଦଳ ଷଡ଼ଙ୍ଗୀ, ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ ଏବଂ ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ ।

## ଲକ୍ଷ୍ମୀନାରାୟଣ କଲେଜର ପ୍ରତିଷ୍ଠା ଦିବସ

ଝାରସୁଗୁଡା : ଜିଲ୍ଲାର ସର୍ବପୁରାତନ ଉଚ୍ଚଶିକ୍ଷା ଅନୁଷ୍ଠାନ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଲେଜ ପରିଚାଳନା ସମିତି ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ବଲବିନ୍ଦର କୌରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଛାତ୍ରସଂସଦର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସନ୍ଦିପ ଅବସ୍ତି, ଝାରସୁଗୁଡ଼ା ଲାୟନ୍ସ କ୍ଲବ ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ କିଶୋର କୁମାର ମହାନ୍ତି, ଶିକ୍ଷାବିତ୍ ଟହଲୁ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା କଲେଜର ବିଗତ ଦିନର ଉପଲବ୍ଧି ଓ ଆଗାମୀ ଦିନର ଲକ୍ଷ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ।



ଏହି ଅବସରରେ ଝାରସୁଗୁଡ଼ା ଲାୟନ୍ସ କ୍ଲବ ପକ୍ଷରୁ କଲେଜ ଆଇକ୍ୟୁଏସି ହଲରେ ଦେଶ, ରାଜ୍ୟ ତଥା ସ୍ଥାନୀୟ ୭୫ଜଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ର ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ଅଧକ୍ଷ ଡ. ଚିରବ୍ରତ ଦତ୍ତ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲେପ୍ଟନାଣ୍ଟ ବିଭୂତି ଭୂଷଣ ଦାଶ, ବରିଷ୍ଠ ନାଗରିକ ସଂଘର ବାଳମୁକୁନ୍ଦ ମିଶ୍ର, ଅର୍ଜୁନ ମୋର, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଦର୍ଶନ ପାଣିଗ୍ରାହୀ, ଅଖେଳ କୁମାର ସିଂ, ଡିଏଭି ସ୍କୁଲ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଝାରସୁଗୁଡ଼ା ବୈଷୟିକ ବିଦ୍ୟାଳୟ ଅଧକ୍ଷ ଧନଞ୍ଜୟ ଖୁରା, ମହେନ୍ଦ୍ର କେଡିଆ, ହିମାଂଶୁ ବଡ଼ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

ଚଳିତବର୍ଷ ଯୁକ୍ତଦୁଇ ଓ ଯୁକ୍ତତିନି ଶ୍ରେଣୀରେ ସର୍ବାଧିକ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବିଶ୍ୱରଞ୍ଜନ ଜେନା, ସ୍ନେହା ପଠଲ, ମଇରୁଦ୍ଦିନ ଅନସାରୀ, ଗୋପେଶ୍ୱରୀ ସାହୁ, ମୁସ୍କାନ ପ୍ରିୟଦର୍ଶିନୀ, କାଜଲ ଜୟଶ୍ୱାଲ ଓ ମଧୁକୁମାରୀ ଶର୍ମାଙ୍କୁ ମଧ ଉତ୍ସବରେ ସମ୍ମାନିତ କରାଯାଇଥିଲା । ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଂରାଜୀ ପ୍ରାଧ୍ୟାପିକା ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ ସ୍ୱାଗତ ଭାଷଣ ଓ ଶେଷରେ ଓଡ଼ିଆ ସାହିତ୍ୟ ବିଭାଗ ମୁଖ୍ୟ ଡକ୍ଟର ଲାଲଧାରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଆକାଶବାଣୀ ସମ୍ବଲପୁର କେନ୍ଦ୍ର ସମାଚାର ବିଭାଗ ପକ୍ଷରୁ ଅମୃତ ମହୋତ୍ସବ













ସମ୍ବଲପୁର: ଆକାଶବାଣୀ ସମ୍ବଲପୁର କେନ୍ଦ୍ର ସମାଚାର ବିଭାଗ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସମାଚାର ବିଭାଗ ପକ୍ଷରୁ ଗତ ଏକବର୍ଷ ଧରି ଚାଲିଥିବା କ୍ୱିଜ' ପ୍ରତିଯୋଗିତାର ୫୧ ଜଣ ବିଜେତାଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ଦିଆଯାଇଛି । ଏହି ଅବସରରେ ଆକାଶବାଣୀ ପରିସରରେ ଆଜାଦୀ କା ଅମୃତ୍ ମହୋତ୍ସବ ବିଷୟ ଉପରେ ସଭା ଆୟୋଜିତ ହୋଇଥିଲା । ଏଥିରେ ବିଶିଷ୍ଟ ବାଗ୍ମୀ ତଥା ଗବେଷକ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅମୃତବେଳାର ତାତ୍ପର୍ଯ୍ୟ ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ଆଜାଦୀ ଉପରେ ତାଙ୍କର ଗବେଷଣାମୂଳକ ଚିନ୍ତାଧାରାର ବ୍ୟାଖ୍ୟା କରିଥିଲେ । ଆକାଶବାଣୀ କେନ୍ଦ୍ରର ଯାନ୍ତ୍ରିକ ମୁଖ୍ୟ ରମେଶ ଚନ୍ଦ୍ର ଭୋଇ ଏବଂ କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ମନୋଜ ପୂଜାରୀ ଅମୃତ୍ ମହୋତ୍ସବରେ ଆକାଶବାଣୀର ଯୋଗଦାନ ଉପରେ ଆଲୋଚନା କରିଥିଲେ । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏବଂ ଶିବଶଙ୍କର ନନ୍ଦ ଆଜାଦୀ କା ଅମୃତ ମହୋତ୍ସବ ଏବଂ ବାକ ସ୍ୱାଧୀନତା ବିଷୟ ଉପରେ ସେମାନଙ୍କର ଭିନ୍ନ ଭିନ୍ନ ମତ ରଖିଥିଲେ । ସମାଚାର ବିଭାଗର ମୁଖ୍ୟ ଡକ୍ଟର ସତ୍ୟନାରାୟଣ ପଟ୍ଟନାୟକଙ୍କର ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅତିଶ କୁମାର ଶତପଥୀ ଏବଂ ସୁପ୍ରୀତି ମିଶ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପିକା ତେଜଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଭାରତ ଗୌରବ ଦାଶ, ସୁନୀତା ପଣ୍ଡା, ଆକାଶ ମହାପାତ୍ର, ଶିବଦୟାଲ ତ୍ରିପାଠୀ, ସଂପା ରାୟ, ରାମନାରାୟଣ ବେହେରା, ସନ୍ତୋଷ ବିଶ୍ୱାଳ, କୃତାଞ୍ଜଳୀ ତ୍ରିପାଠୀ, ବିଭୂତି ବିଶ୍ୱାଳ, ମାନସୀ ନନ୍ଦ, ସଙ୍ଗୀତା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବରଗଡ଼: ଭାରତୀୟ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ ତଥା ୭୬ତମ ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ଉପଜିଲ୍ଲାପାଳ ବାସଭବନ ସମ୍ମୁଖରେ ବରଗଡ଼ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ ଯୋଗ ଦେଇଥିଲେ । ଏହି ପ୍ରତିମୂର୍ତ୍ତିର ଶିଳ୍ପୀ ବରଗଡ଼ ଜିଲ୍ଲା ଅମ୍ବାଭୋନା ଅନ୍ତର୍ଗତ କପାସିରା ଗ୍ରାମର ଅମୂଲ୍ୟ ଭୋଇଙ୍କୁ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫ ସେବା ସଂଘ ଓ ସ୍ମୃତି କମିଟି ପକ୍ଷରୁ ସଭାପତି କୁଞ୍ଜବିହାରୀ ସାହୁ, ସମ୍ପାଦକ କିରଣ ମିଶ୍ର ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡକ୍ଟର ଜଗଦୀଶ ମିଶ୍ରଙ୍କ ରଚିତ 'ସ୍ୱାଧୀନତା ସଂଗ୍ରାମୀ ଫର୍ଦ୍ଦରେ ସଂଗ୍ରାମୀ ଗଙ୍ଗାଧର ସରାଫ' ଅତିଥିଗଣଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୌରାଧକ୍ଷା କଳ୍ପନା ମାଝି, ବିଜେଡି ଟାଉନ ସଭାପତି କିଶୋର ମିଶ୍ର, କାଉନସିଲର ପ୍ରିୟା ତାଣ୍ଡି, କାଉନସିଲର ହ୍ରିତେଶ୍ୱର କୁମାର, ସଂଗ୍ରାମୀଙ୍କ ଦାୟାଦ ଆଡଭୋକେଟ ବେଲାଲସେନ ସରାଫ ପ୍ରମୁଖ ମଞ୍ଚାସୀନ ହୋଇଥିଲେ ।



## ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଜନ୍ମାଷ୍ଟମୀ



ସମ୍ବଲପୁର: ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଜନ୍ମାଷ୍ଟମୀ ଓ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ସର୍ବଶ୍ରୀ ରଘୁନାଥ ମିଶ୍ର, ଅରବିନ୍ଦ ମହାପାତ୍ର, ବିଭୂତି ଭୂଷଣ ମିଶ୍ର, ହେମନ୍ତ କୁମାର ମହାପାତ୍ର ପ୍ରମୁଖ ଭଗବାନ କୃଷ୍ଣଙ୍କ ଉପରେ ଆଲୋଚନା କରିଥିଲେ । ପୂର୍ବରୁ ସଂପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ସମୟାନୁବର୍ତ୍ତିତା ପାଇଁ ରିଙ୍କି ବାଘଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପ୍ରଭାସିନୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦର୍ଶ ମଣିଷ ଗଠନ ପାଇଁ ଗଙ୍ଗାଧର ସାହିତ୍ୟରେ ଉପାଦାନ ରହିଛି: କୃଷ୍ଣକେଶବ ଷଡ଼ଙ୍ଗୀ






ବରଗଡ଼ : ଧର୍ମ ଆଧାରିତ କର୍ମ ହିଁ ମଣିଷକୁ ଆଦର୍ଶ କରିପାରିବ । ମଣିଷର ଚାରିତ୍ରିକ ଗଠନକୁ ସୁଦୃଢ଼ କରିପାରିବ । ଆଦର୍ଶ ମଣିଷ ଗଠନ ପାଇଁ ଗଙ୍ଗାଧର ସାହିତ୍ୟରେ ଭରପୂର ଉପାଦାନ ରହିଛି । ତେଣୁ ଗଙ୍ଗାଧରଙ୍କ ସିଦ୍ଧାନ୍ତ ଓ ଦର୍ଶନକୁ ଆପଣେଇବା ପାଇଁ ଘେଁସରେ ଅନୁଷ୍ଠିତ ସ୍ୱଭାବ କବିଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କହିଛନ୍ତି । ଘେଁସ ଅଭିମନ୍ୟୁ ସାହିତ୍ୟ ସଂସଦ ଓ ଭୁଲିଆ ସମାଜର ମିଳିତ ଆୟୋଜନରେ ସଂସଦ ସଭାପତି ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ଓ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଶୋକ ପୂଜାହାରୀ ଅତିଥି ପରିଚୟ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶୋଭାଚନ୍ଦ୍ର ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷ ଡକ୍ଟର ନୀଳମାଧବ ପାଣିଗ୍ରାହୀ ପୁରସ୍କାର ପାଇଥିବା ସଂସଦର ବରିଷ୍ଠ ସଦସ୍ୟ ଡକ୍ଟର ସୁବାସ ମେହେରଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । କିଶୋର ଦେବତା, ସାମନ୍ତ ସାହୁ, ଗଜରାଜ ମେହେର, ଦୟାନିଧିପଟେଲ, ଭୁବନେଶ୍ୱର ପଧାନ, ଜଗଦିଶ ପଧାନ, ଶ୍ରୀବତ୍ସ ମହାପାତ୍ର, ଜଗଦୀଶ ସାହ ପ୍ରମୁଖ ଗଙ୍ଗାଧର ପ୍ରେମୀ ଯୋଗ ଦେଇଥିଲେ । ଦେବରାଜ ମେହେର, ତୁଳସୀ ବାରିକ, କୈଳାସ ରାଜହଂସ, ରାଜକିଶୋର ବେହେରା, ଆନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିନୋଦ ବିହାରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ଫଟୋଗ୍ରାଫି ଏସୋସିଏସନ ପକ୍ଷରୁ ରକ୍ତଦାନ ଶିବିର



ସମ୍ବଲପୁର: ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସମ୍ବଲପୁର ଫଟୋଗ୍ରାଫି ଏସୋସିଏସନ୍ ପକ୍ଷରୁ ଉତ୍ସର୍ଗ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ୍ ୨୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦର ଆଜାଦୀକା ଅମୃତ ମହୋତ୍ସବ



କଟକ: ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦ ପକ୍ଷରୁ ଆଜାଦୀକା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ବିଶିଷ୍ଟ ଐତିହାସିକ ପ୍ରଫେସର ଡ଼କ୍ଟର ଅନନ୍ତ ଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ଓ 'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସଂସଦ ପକ୍ଷରୁ 'ସଂଗ୍ରାମୀ ସ୍ମରଣିକା ୨୦୨୨' ସଂସ୍କରଣ ଉନ୍ମୋଚିତ ହେବା ସହିତ ଆଜାଦୀକା ଅମୃତ ମହୋତ୍ସବ ଉଦ୍ଦେଶ୍ୟରେ ତ୍ରିରଙ୍ଗା ଉତ୍ତୋଳନ କରାଯାଇଥିଲା । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଶ୍ରୀଧର ଦାସ, ପ୍ରାକ୍ତନ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ପାଠ କରିଥିଲେ । ସଂସଦର ଉପସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଂପାଦକ ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅନ୍ୟତମ ସଂପାଦକ ଡ଼ାକ୍ତର ସିଦ୍ଧାର୍ଥ କୁମାର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପୂର୍ଣ୍ଣାନନ୍ଦ ସାହୁ, ଦେବେନ୍ଦ୍ର କୁମାର ସାହୁ, ଅଜୟ କୁମାର ସାହୁ, ମାୟାଧର ସାହୁ ପ୍ରମୁଖ ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଡ଼କ୍ଟର ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra